To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଦୃଷ୍ଟିହୀନ ପିଲାଙ୍କ ସହ ଜନ୍ମଦିନ ପାଳିଲେ ଲାଲକୃଷ୍ଣ ଆଡ଼ଭାନୀ

R.N.I. No.-42041/83 Vol-16, Issue No.129, ଭଦ୍ରକ,ଗୁରୁବାର, ୯, ନଭେମ୍ବର ୨୦୧୭ ■ Bhadrak, Thursday, 9 November 2017 Rs. 2.00 Pages-8

ପ୍ରଦ୍ୟୁମ୍ନ ଠାକୁର ହତ୍ୟା ମାମଲାରେ ନୂଆ ମୋଡ

ଏକାଦଶ ଶ୍ରେଣୀର ଛାତ୍ରକୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ,୮।୧୧ : ଗୁରୁଗ୍ରାମର ରେୟାନ ଇଂଟରନ୍ୟାସନାଲ ସ୍କୁଲ ଛାତ୍ର ପ୍ରଦ୍ୟୁମ୍ନ ଠାକୁର ହତ୍ୟା ମାମଲାରେ ନୂଆ ମୋଡ। ବୁଧବାର ଦିନ ସିବିଆଇ ସ୍କୁଲରେ ପଢୁଥିବା ଏକାଦଶ ଶ୍ରେଣୀରେ ପଢୁଥିବା ସିନିୟର ଛାତ୍ରକୁ ନିଜ ଗିରଫକୁ ନେଇଛି। ତେବେ ଏହି ହତ୍ୟାକାଣ୍ଡ କୌଣସି ବ୍ୟକ୍ତିଗତ ଶତ୍ରୁତାକୁ ନେଇ ନୁହେଁ, ବରଂ ସ୍କୁଲର ପରୀକ୍ଷା ଘୁଂଚାଇବାକୁ ଛାତ୍ରଜଣକ କରିଥିବା ଜଣାପଡିଛି। ସିବିଆଇ ସୂତ୍ରରୁ ଜଣାପଡିଛି ଯେ, ପ୍ରଦ୍ୟୁମ୍ନକୁ ହତ୍ୟା କରିଥିବା ଛାତ୍ରଜଣକ ନାବାଳକ, ଏବଂ ସେ ହତ୍ୟାକାଣ୍ଡର ଦିନକ ପୂର୍ବରୁ ଛୁରା କିଣିଥିଲା। ଛାତ୍ରଜଣକ ପ୍ରଥମରୁ ଆକ୍ରାମକ ସ୍ୱଭାବର ଏବଂ ତାର ମନୋବୈଜ୍ଞାନିକ ଚିକିତ୍ସା ମଧ୍ୟ ଚାଲୁଥିଲା। ପାଠପଢାରେ ବିଶେଷ ଧ୍ୟାନ ଦେଉନଥିବାରୁ ପରୀକ୍ଷା ନେଇ ତା ଉପରେ ବିଶେଷ ଚାପ ଥିଲା। ସେହିପରି ସ୍କୁଲର ୩ଜଣ ସହପାଠୀଙ୍କୁ ମଧ୍ୟ ପରୀକ୍ଷା ନେଇ ଚିନ୍ତିତ ନହେବାକୁ କହିଥିଲା। ଏହି ନାବାଳକକୁ ଆଜି ସମ୍ପୃକ୍ତ ଛାତ୍ରକୁ ଜୁଭେନାଇଲ କୋର୍ଟରେ ହାଜର କରିଛି ସିବିଆଇ। ସେପଟେ ମିଥ୍ୟା କେସରେ ତାଙ୍କ ପୁଅକୁ ଫସାଯାଉଥିବା କହିଛନ୍ତି ନାବାଳକର ପିତା କହିଛନ୍ତି। ପୂର୍ବରୁ ପ୍ରଦ୍ୟୁମ୍ନ ଠାକୁର ହତ୍ୟା ମାମଲାରେ ଗୁରୁଗ୍ରାମ ପୋଲିସ ବସ କଣ୍ଡକ୍ଟର ଅଶୋକକୁ ଗିରଫ କରିଥିଲା। ହତ୍ୟା କରିଥିବା ସ୍ୱୀକାର କରିବା ପରେ ଅଶୋକକୁ ଗିରଫ କରାଯାଇଥିବା ପୋଲିସ କହିଥିଲା।

ସମ୍ବଲପୁରରେ ଦୁଃଖଦ

ରେଳ ଲାଇନ୍‌ରୁ ମିଳିଲା ଗୋଟିଏ ପରିବାରର ୫ ମୃତଦେହ

ଭୁବନେଶ୍ୱର, ୮।୧୧ (ସକାଳ ଖବର) :- ସମ୍ବଲପୁରର ସରଳା ନିକଟରୁ ଟ୍ରେନ ଲାଇନରୁ ଗୋଟିଏ ପରିବାରର ପାଂଚ ଜଣଙ୍କ ମୃତ ଶରୀର ଉଦ୍ଧାର କରାଯାଇଛି । ସେମାନେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରା ଯାଉଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧୦ଟା ମଧ୍ୟରେ ସମ୍ବଲପୁର ଫାଟକ ଷ୍ଟେସନ ଠାରୁ ୮୦୦ ମିଟର ସରଳା ନିଟକ ରେଳଧାରଣା ଉପରୁ ଗୋଟିଏ ପରିବାରର ୫ଟି ମୃତ ଦେହକୁ ଜିଆରପି ଜବତ କରିଛି । ମୃତକମାନଙ୍କ ମଧ୍ୟରେ ରହିଛି ସଂଗୀତ ଶିକ୍ଷକ ଧରଣୀଧର ପଣ୍ଡା ତାଙ୍କ ପତ୍ନୀ ଓ ତିନି କନ୍ୟା । ମୃତକ ଧରଣୀଧର ପଣ୍ଡାଙ୍କ ବଡ଼ ଝିଅ ୨୦ ବର୍ଷ ବୟସର ସେ ଯୁକ୍ତ ଦୁଇ ପଢୁଥିବାବେଳେ ମଝିଆ ଝିଅ ବୟସ ୧୨ ଓ ସେ ନବମ ଶ୍ରେଣୀରେ ପଢୁଥିଲେ । ସାନ ଝିଅ ସ୍କୁଲରେ ନାମ ଲେଖାଇ ନାହାନ୍ତି । ଧରଣୀଧର ପଣ୍ଡାଙ୍କ ମୂଳ ଘର ବରଗଡ଼ ଜିଲ୍ଲାରେ ହୋଇଥିବାବେଳେ ସେ ସମ୍ବଲପୁରରେ ରହିବା ସହିତ ସଂଗୀତ ଶିକ୍ଷା ଦେଇ ପରିବାର ପ୍ରତିପୋଷଣ କରୁଥିଲେ । ସେମାନେ ସମ୍ବଲପୁର ସହରର ଜଗନ୍ନାଥ କଲୋନୀରେ ରହୁଥିଲେ । ପ୍ରାପ୍ତ ସୂଚନା ଅନୁସାରେ ଏହି ଘଟଣା ସମ୍ପର୍କରେ ଗତକାଲି ସମ୍ବଲପୁର- ଝାରସୁଗୁଡା ଡିଏମୟୁର ଡ୍ରାଇଭର ପ୍ରଥମେ ଜିଆରପିକୁ ସୂଚନା ଦେଇଥିଲେ । ଜିଆରପି ସେଠାରେ ପହଂଚିବା ପରେ **(ପୃଷ୍ଠା-୭)**

ଶ୍ରୀମନ୍ଦିରରେ ସାମ୍ବାଦିକଙ୍କୁ ମାଡ଼ ଘଟଣାରେ ୨ ଯବାନ ନିଲମ୍ବିତ

ପୁରୀ, ୮।୧୧ (ସକାଳ ଖବର) : କାର୍ତ୍ତିକ ପୂର୍ଣ୍ଣମଦିନ ଶ୍ରୀମନ୍ଦିର ଭିତରେ ସାମ୍ବାଦିକ ସଞ୍ଜୟ ମହାପାତ୍ରଙ୍କୁ ୨ଜଣ ଓଏଏସ୍‌ଏପି ଯବାନ ମାଡ଼ମାରିବା ଘଟଣାରେ ନିଲମ୍ବିତ ହୋଇଥିବା ଆଜି ପୁରୀ ଏସ୍.ପି. ଡଃ ସାର୍ଥକ ଷଡ଼ଙ୍ଗୀ ସାମ୍ବାଦିକମାନଙ୍କ ସହ କଥାବାର୍ତାବେଳେ କହିଛନ୍ତି। ଜୀ-କଳିଙ୍ଗର ପୁରୀ ସାମ୍ବାଦିକ ସଞ୍ଜୟ ମହାପାତ୍ର କାର୍ତିକ ପୂର୍ଣ୍ଣମୀ ଦିନ ଶ୍ରୀମନ୍ଦିରକୁ ତାଙ୍କ ମା ଓ ଛୋଟ ଝିଅ ସହ ଯାଇ ଦର୍ଶନ କରୁଥିବା ସମୟରେ ୨ଜଣ ଯବାନ ୬ଷ୍ଠ ବାଟାଲିଆନର ହାବିଲ୍ଦାର ଶଶିଶେଖର ସାହୁ ଓ ସିପାହୀ ଶୁଭ୍ରଜିତ ନାୟକ ବୁଢ଼ୀମା ଓ ଝିଅକୁ ଠେଲିଦେବା ସହ ସଞ୍ଜୟଙ୍କୁ ପିଟି ହାତ ଫ୍ୟାକ୍ଚର କରିଦେଇଥିଲେ। ଏ ସମ୍ପର୍କରେ ସିଂହଦ୍ୱାର ଥାନାରେ ୨ଟି ଏତଲା ଦିଆଯାଇଥିଲା। ଘଟଣାର ଅନୁସନ୍ଧାନ କରି ଏସ୍.ପି. ୬ଷ୍ଠ ବାଟାଲିଆନ କମାଣ୍ଡାଂଟଙ୍କୁ ରିପୋର୍ଟ ଦେବା ପରେ ସେ ନିଲମ୍ବିତ କରିଥିଲେ। ଆଜିର ସାମ୍ବାଦିକ ଟିମ୍‌ରେ ସଞ୍ଜୟ ମହାପାତ୍ରଙ୍କ ସହ ମଧୁସୂଦନ ମିଶ୍ର, ପ୍ରଭାତ ପାଣିଗ୍ରାହୀ, ରଣଜିତ୍ ମିଶ୍ର, ବିଜୟ ମିଶ୍ର, ଡି.ପି. ଗାଙ୍ଗୁଲି, ମିଟୁ ରଥଶର୍ମା, ନାରାୟଣ ଦାଶ, ନିରଞ୍ଜନ ମିଶ୍ର, ରଞ୍ଜନ ଗାଙ୍ଗୁଲି, କାହ୍ନା ପଟ୍ଟନାୟକ ଓ ଅନ୍ୟ ସାମ୍ବାଦିକମାନେ ଯାଇଥିଲେ। ସବୁ ଥାନାର ଆଇଆଇସି ମଧ ଯୋଗ ଦେଇଥିଲେ।

ମାଲ୍ୟାଙ୍କୁ ପଳାତକ ଘୋଷଣା କରିବାକୁ ଦାବି

ନୂଆଦିଲ୍ଲୀ,୮।୧୧ : ଫେରା ଆଇନ ଉଲ୍ଲଘଂନ ମାମଲାରେ ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରିବାକୁ ଦିଲ୍ଲୀର ପଟିଆଲା କୋର୍ଟରେ ଆବେଦନ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ। ଏପ୍ରିଲ ୧୨ରେ ପଟିଆଲା କୋର୍ଟ ମାଲ୍ୟାଙ୍କ ବିରୋଧରେ ୱାରେଂଟ ଜାରି କରିଥିଲା। ମାଲ୍ୟା ୧୯୯୬, ୧୯୯୭ ଓ ୧୯୯୮ ମସିହାରେ ଲଣ୍ଡନ ଓ ୟୁରୋପୀୟ ରାଷ୍ଟ୍ରରେ ଆୟୋଜିତ ହୋଇଥିବା ଫର୍ମୁଲା ୱାନ୍ ଚାମ୍ପିୟନସିପରେ ଦେଖାଣିଆ ପାଇଁ କିଙ୍ଗଫିସରର ଲୋକମାନେ ଏକ ବ୍ରିଟିଶ୍ ଫାର୍ମକୁ ଦୁଇ ଲକ୍ଷ ଆମେରିକା ଡଲାର ପ୍ରଦାନ କରିଥିଲେ। ଏହି ଅର୍ଥ କାରବାରରେ ଫେରା ଆଇନର ଉଲ୍ଲଘଂନ କରାଯାଇଥିବା ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

ହିମାଚଳପ୍ରଦେଶ ନିର୍ବାଚନ, ନିର୍ଦ୍ଧାରିତ ହେବ ୩୩୮ ପ୍ରାର୍ଥୀଙ୍କ ଭାଗ୍ୟ

ନୂଆଦିଲ୍ଲୀ,୮।୧୧ :ଗୁରୁବାର ହିମାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ରାଜ୍ୟରେ ୬୮ଟି ଆସନ ପାଇଁ ମତଦାନ ହେବା ରାଜ୍ୟରେ ୩୩୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ପ୍ରାୟ ୫୦ ଲକ୍ଷ ଭୋଟର। ସେହିପରି ଏଥର ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି ୧୯ଜଣ ମହିଳା। ମତଦାନ ପାଇଁ ରାଜ୍ୟରେ ପ୍ରାୟ ୭୫୨୫ଟି କେନ୍ଦ୍ର ଖୋଲାଯାଇଛି। ରାଜ୍ୟରେ ପ୍ରାୟ ୫୦ଲକ୍ଷ ୨୫ହଜାର ୯୪୧ **(ପୃଷ୍ଠା-୭)**

କୁନ୍ଦୁଳିକୁ ନେଇ କମ୍ପୁଛି ରାଜନୀତି

ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଏକକାଳୀନ କ୍ରାଇମବ୍ରାଞ୍ଚ ଓ ବିଚାର ବିଭାଗୀୟ ତଦନ୍ତର କୌଣସି ପ୍ରାସଙ୍ଗିକତା ନାହିଁ : ବିଜେପି

ଭୁବନେଶ୍ୱର, ୮।୧୧ (ସକାଳ ଖବର) :- କୋରାପୁଟ ଜିଲ୍ଲା କୁନ୍ଦୁଳିର ନାବାଳିକା ଆଣିଥିବା ଦୁଷ୍କର୍ମ ଅଭିଯୋଗ ଘଟଣାର କ୍ରାଇମବ୍ରାଂଚ ତଦନ୍ତ ସହିତ ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । କମିଶନ ଅଫ୍ ଇନକ୍ୱାରୀ ଆକ୍ଟ-୧୯୫୨ ଅନୁଯାୟୀ ଏହି ଘଟଣାର ତଦନ୍ତ ଜଣେ ଜିଲ୍ଲା ଜଜ୍ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଇବା ପାଇଁ ବରିଷ୍ଠ ବିଜେପି ନେତା ପ୍ରତାପ ଷଡଙ୍ଗୀ ଦାବି କରିଛନ୍ତି । କୁନ୍ଦୁଳି ନାବାଳିକା ଦୁଷ୍କର୍ମ ଘଟଣାକୁ ମାସେ ପୁରିଲାଣି । ମାସେ ବ୍ୟାପୀ ତଦନ୍ତ କରି ଗତ କାଲି ପୀଡିତା ଝିଅ ପ୍ରତି କୌଣସି ବଳାତ୍କାର ହୋଇନଥିବା ସୂଚନା ଦେଲେ । ଯଦି ଏହା ସତ୍ୟ, ତାହେଲେ ମୁଖ୍ୟମନ୍ତ୍ରୀ ଆଜି ପୁଣି ଏକକାଳୀନ କ୍ରାଇମବ୍ରାଂଚ ଏବଂ ବିଚାର ବିଭାଗୀୟ ତଦନ୍ତ ପାଇଁ କାହିଁକି ନିର୍ଦ୍ଦେଶ ଦେଲେ ବୋଲି ବିଜେପି ବରିଷ୍ଠ ନେତା ଶ୍ରୀ ପ୍ରତାପ ଷଡଙ୍ଗୀ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ମାଁ, ଝିଅ ଓ ଭଉଣୀମାନେ ସୁରକ୍ଷିତ ନାହାନ୍ତି । କୁନ୍ଦୁଳି ନାବାଳିକା ଦୁଷ୍କର୍ମ ଘଟଣା ତଦନ୍ତ ବର୍ତମାନ ରହସ୍ୟାବୃତ ହୋଇପଡିଛି । ପ୍ରାଥମିକ ତଦନ୍ତ ଚାଲିଥିବା ସମୟରେ ଶାସକ ବିଜେଡିର ନେତୃବୃନ୍ଦ ଗଣମାଧ୍ୟମରେ ବିବୃତି ଦେଇ ପୋଲିସ ଆଡକୁ ଆଙ୍ଗୁଠି ଉଠାଇବା ଏବଂ ଏହା ପରେ ଅତିରିକ୍ତ ଡିଜି ପୀଡିତାର ବଳାତ୍କାର ହୋଇନଥିବା କହିବା, ରାଜ୍ୟ ସରକାରଙ୍କ ଅପାରଗତାକୁ ସ୍ପଷ୍ଟ ଦର୍ଶାଉଛି ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି । ରାଜ୍ୟ ସରକାର ଜାଣିଶୁଣି ଏହି ତଦନ୍ତ ପ୍ରକ୍ରିୟାକୁ ବିଭ୍ରାନ୍ତ କରୁଛନ୍ତି । ମାସାଧିକାଳ ତଦନ୍ତ ପରେ ପୀଡିତାଙ୍କୁ ବଳାତ୍କାର କରାଯାଇନଥିବା କହିବା ଏବଂ ଏହା ପରେ ମୁଖ୍ୟମନ୍ତ୍ରୀ ଏକକାଳୀନ ଉଭୟ କ୍ରାଇବ୍ରାଂଚ ଓ ବିଚାର ବିଭାଗୀୟ ତଦନ୍ତ କରାଇବା ଘୋଷଣା କରି ଗୃହ ବିଭାଗର ଦାୟୀତ୍ୱରେ ଥିବା ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିଜ ବିଭାଗ ଉପରେ ଭରଷା ନଥିବା ସ୍ପଷ୍ଟ ପ୍ରମାଣିତ ହେଇଛି ବୋଲି ଅଭିଯୋଗ କରିବା ସହ ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ତତ୍କାଳୀନ ନିର୍ଦ୍ଦେଶ କାହିଁକି ଦେଲେ ନାହିଁ ବୋଲି ଶ୍ରୀ ଷଡଙ୍ଗୀ ପ୍ରଶ୍ନ କରିଛନ୍ତି । ନିଜ ଅପାରଗତାକୁ ଲୁଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ କେବଳ ସୁଆଙ୍ଗ କରୁଛନ୍ତି । ଏକକାଳୀନ କ୍ରାଇବ୍ରାଂଚ ଓ ବିଚାର ବିଭାଗୀୟ ତଦନ୍ତର କୌଣସି ପ୍ରାସଙ୍ଗିକତା ନାହିଁ । ଏହା ଦ୍ୱାରା ପୀଡିତା କୌଣସି ନ୍ୟାୟ ପାଇବାକୁ ବଂଚିତ ହେବ ବରଂ ତଦନ୍ତ ବାଟବଣା ହେବାର ସମ୍ଭାବନା ଅଧିକ । ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆକୁ ଦାୟୀତ୍ୱ ଦେବାକୁ ଶ୍ରୀ ଷଡଙ୍ଗୀ ଦାବୀ କରିଛନ୍ତି ।

ମହାନଦୀ ଜଳ ବିବାଦ ମାମଲା

ଟ୍ରିବ୍ୟୁନାଲ ଗଠନ ପ୍ରକ୍ରିୟାକୁ ତ୍ୱରିତ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ପତ୍ର

ଭୁବନେଶ୍ୱର, ୮।୧୧ (ସକାଳ ଖବର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳ ବିବାଦ ସଂପର୍କରେ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ପ୍ରକ୍ରିୟାକୁ ତ୍ୱରିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି । ଏହି ପତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଛନ୍ତି ଯେ ଟ୍ରିବ୍ୟୁନାଲ ଗଠନରେ ବିଳମ୍ବ ହେବା କାରଣରୁ ପଡୋଶୀ ଛତିଶଗଡକୁ ଲାଭ ମିଳୁଛି । ଛତିଶଗଡ ମହାନଦୀରେ ଛଅଟି ବ୍ୟାରେଜର ନିର୍ମାଣ କାମ ଜାରୀ ରଖିଛି । ଏହା ଦ୍ୱାରା ଓଡିଶାର ସ୍ୱାର୍ଥ ପ୍ରଭାବିତ ହେଉଛି ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି ।

ଚିତରଞ୍ଜନ ତ୍ରିପାଠୀ ବିପିୟୁଟିର କୁଳପତି

ଭୁବନେଶ୍ୱର,୮।୧୧ (ସକାଳ ଖବର) : ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଚିତରଂଜନ ତ୍ରିପାଠୀଙ୍କୁ ବିପିୟୁଟିର କୁଳପତି ଭାବେ ନିଯୁକ୍ତି ଦିଆ ଯାଇଛି । ରାଜ୍ୟପାଳ ଡ. ଏସ.ସି ଜମୀର ଏହି ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଶ୍ରୀ ତ୍ରିପାଠୀ ଏହି ପଦବୀରେ ରହିବେ । ବର୍ତମାନ ସେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ କୁଳପତି ଭାବେ ଅବସ୍ଥାପିତ ଅଛନ୍ତି । ତାଙ୍କ ନିକଟରେ ୩୨ ବର୍ଷ ଶିକ୍ଷାଦାନର ଅନୁଭୂତି ରହିଛି । ତାଙ୍କ ଦ୍ୱାରା ଲିଖିତ ପ୍ରାୟ ୬୧ଟି ଗବେଷଣା ସନ୍ଦର୍ଭ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମିଳନୀରେ ଉପସ୍ଥାପିତ ହୋଇଛି । ୬୧ଟି ସନ୍ଦର୍ଭ ବିଭିନ୍ନ ପତ୍ରିକାରେ ପ୍ରକାଶ ପାଇଛି।

ଗଡକରୀଙ୍କୁ ଧର୍ମେନ୍ଦ୍ରଙ୍କ ପତ୍ର

ବରଗଡରୁ ବସନା ରାଜ୍ୟ ରାଜପଥକୁ ଜାତୀୟ ରାଜପଥର ମାନ୍ୟତା ଦେବାକୁ ଅନୁରୋଧ

ଭୁବନେଶ୍ୱର, ୮।୧୧ (ସକାଳ ଖବର) : ବରଗଡ ଠାରୁ ବସନା ପର୍ଯ୍ୟନ୍ତ ୧୨୫ କିମି ବିଶିଷ୍ଟ ରାଜ୍ୟ ରାଜପଥକୁ ଜାତୀୟ ରାଜପଥର ମାନ୍ୟତା ଦେବାକୁ କେନ୍ଦ୍ର ସଡକ ପରିବହନ, ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପୁରର ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କ ପତ୍ର ପାଇବା ପରେ ଏହି ଆଧାରରେ ଶ୍ରୀ ଗଡକରୀଙ୍କୁ ପତ୍ର ଲେଖିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପତ୍ରରେ ଉଲ୍ଲେଖ ରହିଛି ଯେ ସଠିକ ଯୋଗାଯୋଗ ବ୍ୟବସ୍ଥା ଉପଲବ୍ଧ ନ ଥିବା କାରଣରୁ ପଦ୍ମପୁର ଓ ବିଜେପୁର ଅଂଚଳ ଖୁବ ଅବହେଳିତ ହୋଇ ରହିଛି । ଏହି ଅଂଚଳର ଲୋକ ମାନେ ସଡକ ଯୋଗାଯୋଗ ବ୍ୟବସ୍ଥା ସଠିକ ଭାବେ ନ ଥିବା କାରଣରୁ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଏହି ଅଂଚଳରେ ବସବାସ କରୁଥିବା ଲୋକ ମାନଙ୍କ ମଧ୍ୟରେ ଅଧିକାଂଶ ଆଦିବାସୀ ଓ ପଛୁଆ ବର୍ଗର । ତେଣୁ ବିଜେପୁର, ପଦ୍ମପୁର ଓ ଜଗଦଲପୁର ଦେଇ ଯାଇଥିବା ବରଗଡରୁ ବାସନା ଯାଏ ରାଜ୍ୟ ରାଜପଥକୁ ଜାତୀୟ ରାଜପଥ ଘୋଷଣା କଲେ ସ୍ଥାନୀୟ ଲୋକ ମାନଙ୍କର ଦୁଃଖ ଦୂର ହୋଇ ପାରିବ । ତେଣୁ ଏହାକୁ ସହୃଦୟତାର ସହ ବିଚାର କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ରୀ ରାଜପଥ ମନ୍ତ୍ରୀ ଶ୍ରୀ ଗଡକରୀଙ୍କୁ ଅନୁରୋଧ କରିଛନ୍ତି ।


ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୭.୧୧.୧୭)
୨,୬୪,୫୩୩

ବେହାଲ ଦିଲ୍ଲୀବାସୀ

- ଦିଲ୍ଲୀରେ ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧି
- ପ୍ରତି ମିନିଟରେ ୫ଜଣଙ୍କର ମୃତ୍ୟୁ ହେଉଛି
- ଲୋକଙ୍କୁ ଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା
- ଆହୁରି ୨ରୁ ୩ଦିନ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି
- ସ୍କୁଲ ଛୁଟି ଘୋଷଣା କଲେ ରାଜ୍ୟ ସରକାର

ନୂଆଦିଲ୍ଲୀ,୮।୧୧ : ବିଷାକ୍ତ ଧୂଆଁ ଓ ଧୂଳିର ଆଭରଣ ଯୋଗୁ ରାଜଧାନୀ ଦିଲ୍ଲୀର ଅବସ୍ଥା ଶୋଚନୀୟ ହୋଇପଡିଛି। ବିଶେଷ କରି ଦିଲ୍ଲୀ ଏନସିଆରର ଲୋକେ ପ୍ରଭାବିତ ହୋଇଛନ୍ତି। ବୁଧବାର ପରିସ୍ଥିତି ଏପରି ହୋଇଥିଲା ଯେ, ଲୋକଙ୍କୁ ଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ଫଳରେ ହସ୍ପିଟାଲରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ସକାଳ ସମୟରେ କେବଳ ଦିଲ୍ଲୀରେ ନୁହେଁ, ନୋଏଡା, ଗାଜିଆବାଦ, ଗୁରୁଗ୍ରାମ ଓ ଫରିଦାବାଦରେ ମଧ୍ୟ ଲୋକେ ଯାନବାହାନରେ ହେଡଲାଇଟ୍ ଲଗାଇ ଯାତାୟତ କରୁଥିଲେ। ସେପଟେ ଦିଲ୍ଲୀରେ ପ୍ରଦୂଷଣ ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି ରାଜ୍ୟ ସରକାର। ଗତବର୍ଷ ପ୍ରଦୂଷଣରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ ଦେଶରେ ପ୍ରତି ଏକ ମିନିଟରେ ବାୟୁ ପ୍ରଦୂଷଣ ଯୋଗୁ ୫ଜଣଙ୍କର ମୃତ୍ୟୁ ହେଉଛି। ତେବେ ରାଜଧାନୀ ଦିଲ୍ଲୀରେ ଆହୁରି ୨ରୁ ୩ଦିନ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଲାଗି ରହିପାରେ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି। ଧୂଆଁ ଓ ଧୂଳିରେ ଢାଙ୍କି ହୋଇଥିବା ଦିଲ୍ଲୀର ସମସ୍ତ ସ୍କୁଲ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଦିଲ୍ଲୀ ପାଗରେ ପରିବର୍ତନ ଆସିଛି। ବିଶେଷ କରି ବାୟୁମଣ୍ଡଳ ଅବସ୍ଥା ବିଗିଡି ଯାଇଛି। ଏଭଳି ସମୟରେ ଛାତ୍ରଛାତ୍ରୀମାନେ ବାହାରକୁ ବାହାରିଲେ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ତେଣୁ ସମସ୍ତ ସ୍କୁଲକୁ ବନ୍ଦ ରଖିବା

୨୮ରୁ ବିଧାନସଭାର ଶୀତକାଳୀନ ଅଧିବେଶନ

ଭୁବନେଶ୍ୱର, ୮।୧୧ (ସକାଳ ଖବର) : ଆସନ୍ତା ୨୮ ତାରିଖ ଠାରୁ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବିଧାନସଭାର ଶୀତକାଳୀନ ଅଧିବେଶନ ଚାଲିବ । ଏହି ଅଧିବେଶନରେ ୨୬ଟି କାର୍ଯ୍ୟକାରୀ ଦିବସ ରହିଛି। ଏସମ୍ପର୍କରେ ରାଜ୍ୟପାଳ ଡ. ଏସ.ସି ଜମୀର ସମନ ଜାରୀ କରିଛନ୍ତି । ଏହା ଆଧାରରେ ଓଡିଶା ବିଧାନସଭା ସଚିବାଳୟ ପକ୍ଷରୁ ଅଧିବେଶନର କାର୍ଯ୍ୟକ୍ରମ ସମ୍ପର୍କରେ ବୁଧବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୨୮ ତାରିଖ ଦିନ ବିଧାନସଭା ବୈଠକ ପୂର୍ବାହ୍ନ ୧୧ ଟାରେ ବସିବ । ଅନ୍ୟ ଦିନ ମାନଙ୍କରେ ପୂର୍ବାହ୍ନ ୧୦ଟା ୩୦ରେ ଗୃହର ବୈଠକ ଆରମ୍ଭ ହେବ । ଏଥିରେ ୧୬ଟି ସରକାରୀ ଦିବସ ରହିଥିବା ବେଳେ ୫ଟି ବେସରକାରୀ ଦିବସ ରହିଛି । ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ସହ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ସଂକ୍ରାନ୍ତୀୟ ବିନିମୟ ବିଲ୍ ଉପରେ ଆଲୋଚନା ପାଇଁ ୫ ଦିନ ରଖାଯାଇଛି । ନଭେମ୍ବର ୨୮ , ୨୯ , ୩୦ , ଡିସେମ୍ବର ୪,୫,୬ , ୧୩ ,୧୪ , ୧୬,୧୮,୧୯,୨୦,୨୧,୨୩, ୨୬,୨୮ ଓ ୩୦ ତାରିଖକୁ ସରକାରୀ ଦିବସ ଭାବେ ରଖାଯାଇଛି । ସେହିପରି ଡିସେମ୍ବର ୧ , ୧୫,୨୨,୨୭ ଓ ୨୯ ତାରିଖ ଦିନ ବେସରକାରୀ ଦିବସ ରହିଛି । ଡିସେମ୍ବର ୨ ତାରିଖ ମହମ୍ମଦ ଜୟନ୍ତୀ **(ପୃଷ୍ଠା-୭)**

`if iõelY _ûA gúZk ùKiVeú

@[Keú `if _iA Gùa Pihúci^u @]K C›ij ù\LaiK ckQö GjKcùe @iR Pihúci^u _^_eai ijZ `f, `k @i\ @[Keú `if Pih Ke[aie ù\Li~iCQö ùZY eiRýùe Gùa cLý `if ]i^ I @iL ijZ Gj `ife @i\e aXPifQö K« @ck _ea©ú icdùe Gj `fe C_~q iõelY @biae gZKWi 20e 25 biM KhRiZ _\i[ ^Á ùjai ijZ ùiMWKe ci^ I MY ^Á ùjCQ, ~iji`kùe Pihúciù^ _ea©ú icdùe ajZ IZ ijai ijZ 20e 25 biM KhRiZ _\i[^Á ùjai ijZ ùiMWKe ci^ I MY jii _iCQö Gj KieYe c¤ Pihúciù^ GMWK aRie ùe CPZ cfýùe aKú Keaie a*Z ùjiA[i«ö Gia ahdK \Áùe eL C_~q gúZkbŠie I gúZkùKiVeúe @iagýZi ejQö

gúZk bŠie Keai _iA bieZ Z[i IWgi ieKieu _le ÊZª aýaii ejQö @ic eiRýùe gZKWi 70biM ùfiK I\ I ^icciZ Pihiö ùZY ùici^u @i[K @aii ùici^u GK aW gúZkbŠie Keai _iA _Za§K ùjiA[iGö gúZk bŠieUG ^ciY Keai _iA ùKiU ùKiU Uui Ly KeaiK _W[iGö GjiQWi @ù^K icdùe Pihúciù^ ùici^ue KhRiZ _\i[K KhaRie Gaõ Micý Kh aRieùe iõ_‰ aKd Ke_ie« ^ijö `kùe _ea©ú \^ MWKùe akKi _^_eaie ci^ ai MY jii ùjiA[iG Gaõ PihúbiBciù^ ùiMWK jii cfýùe aKú KeaiK ai¤ ùjiA[i«ö Gj_e biaùe _^_eai MWK ^Á ùjiA[iGö

Gj iciýiK \e Keai _iA _ùZýK iaWbR^, aK I _ùZýK Kh aRie, ù~CViùeK Pihúciù^ ù\^\^ _ikùe KhRiZ \aý aKd Ke[i«, ùij ii^ùe ùQiU ùQiU gúZk ùKiVeú ^ciYe @iagýKZi ejQö cLýZü 10, 15, 30 I 50 ùcUK U^ IcZiagÁ gúZk ùKiVeú ^ciY \iei I\, ^icciZ Gaõ c¤c]eYe Pihúciù^ C_KZ ùjiA_ieùaö @ic eiRýùe cLýZü @ik aiAMY, `fùKia, a§iùKia, a^ QA, _@iR, @cZbŠi AZýi\ _^_eai ùfiKci^ue Pij\i @^iiùe Pih ùjai ijZ @ù^K icdùe c¤ aijie @ic\i^ú Kei~iA[iGö RùY Pihú gúZk ùKiVeú ci¤cùe ù\^K akKi _^_eai MWK iõelY Ke _ea©ú \^MWKùe CPZ cfýùe aKú Ke_ieaö ab^ _^_eai MWKe iõelY Zi_ciZi Gaõ @iù_IK @i\Zi b^ @ùUö ùZY RùY PihúK 10, 15, 30 I 50 ùcUK U^ IcZiagÁ gúZkùKiVeú ^ciY

_iA ~[iKùc @i^ci^K 8,9,13 Gaõ 20 fI Uui Ly KeaiK ùjiA[iGö gúZkbŠie ai gúZk ùKiVeú ^ciY ùjC[ai @*ke @i\Zi, Zi_ciZi, aÁ_iZ, i~ýZi_, C_i\^e _eciY, Kh aRiee ia]i ùfiKci^ue Pij\i I eP, @*ke ùfiKci^u @i[K _eiZ C_ùe aùgh ¤i^ ù\aiK ùjiA[iGö gúZk ùKiVeú

Highland Fresh

@iKieK ^¡ieY Keai _iA ùKC _Kiee \aý iõelY ùja, Zi'e iõelY Zi_ciZi, @ck icde Zi_ciZi, ùKùZ icd iõelY ùjai CPZ I @iù_IK @i\Zi ahdùe UK^L RiYai CPZö 10 ùcUK U^ ai 100K<if agÁ gúZk ùKiVeú ^ciY KeaiK ùjùf jieijieú 8fI Uui Ly KeaiK ùjiA[iGö ~\ Pihú 1ùKR _^_eai iõelY _iA bWi iZùe 15 _Aii ù^A[iG, ùZùa ùi ahK jieijieú 3.5 fI Uui ùeiRMie Ke[iGö ùi[e ab^ Ly ~[i- a\ýZ Ly, elYiùalY Ly, PkiAai Ly AZýi\ aia\ùe jieijieú 2fI Uui Ly ùjiA[iGö ùZY Pihú ùciUiùciU 1.5fI Uui fib _iA_iùeö @^ý _lùe ~\ Pihú 10 ùcUK U^ IcZiagÁ gúZk ùKiVeúùe KQ _eciYe KhRiZ _\i[^RÊ eùL Gaõ KQ _eciYùe KhRiZ _\i[bWi iZùe iõelY Kùe ùZùa ùi[e jieijieú aihK 3e 4fI Uui _~ý« ùeiRMie Ke_iùeö

Gùa @ic eiRýùe Pihúci^u @i[K @aii \Áe _ùZýK aKùe Z[i Kh aKd aRieùe ùQiU ùQiU gúZk bŠie ai gúZk ùKiVeú ^ciYe ~ù[Á @iagýKZi ejQö ùi[_iA Pihúciù^ aùgh @iMj _Kig Keai CPZö a©ci^ bieZ Z[i IWgi ieKie Pihú Gaõ gùÌiù\ýiMú ci^u _iA gúZk bŠie, gúZk ùKiVeú ^ciY _iA ii]ieY @*kùe gZKWi 40 biM, _iaZý I @^^Z @*kùe gZKWi 55biM ejiZe aýaii ejQö GjiQWi @ck _ea©ú _~ýidùe icj C^Z _iAgúZkKeY ~i^, _ýiKõ Mj, ùQiU _@iR iõelY aýaii, ab^ Li\ý _KdiKeY aýaii _iA ejiZe aýaii ejQö

---

eûiûd^K iûee aKÌ

Kh ùIZùe C_i\^ aXiAai _iA Pihúciù^ ajk bùa eiiid^K iie I KiU^igK aýajie Ke[i«ö K« Gji\iei Rce CaeZi Kc Kc ~iA[iGö ùKak ùiZK ^ùj KiU^igK _ùdiM ùjiA[ai Li\ý geie _iA c¤ IZKieKö ùi[_iA Kh ami^iciù^ ùRaLZ I iie C_ùe @]K MeZ ù\A[i«ö ùRa LZ ai KùµiÁ Z@ie KeaiK ùjùf _[ùc KQ KUi, gLfi _Z, ab^ ùRa @k@i @iaR^iK iõMj Ke @fMi @fMi M\i Ke eLai CPZö _ùe GjiK ici^ @iKieùe KiU«ö KUi ~iA[ai _\i[MWK Ée Ée Ke 15 ùic ajkùe ùLiki~iA[ai LiZùe aQi«ö _ùZýK 6A* Ée _iA 10 KMi ai 10 SW iR ùMiae,15 KMi LZ aMPi ciU GKZKe @iagýK _eciYùe _iY ùMifiA GK cgY _ÉZ Keai CPZö GicÉ _\i[K aQi ~iA[ai @k@i @iaR^i C_ùe i*«ö Gji C_ùe 1 KùfiMic de@i _Ki«öGbk 6U Ée Ke 3`U Mbiee MiZUK be \@«ö _ùZýK Éeùe C_e fLZ C_KeY _iA 600 KMi ai 100 SW ùMiae, 30 KMi eK `iù_U, iwf i_e `iù_U,10 SW LZ@i aMPi ciU I 3 KMi de@i iie @iagýK ùjiA[iGö _Z Éeùe 60e 70 _ZgZ @i\Zi ejai CPZö GY @iagýK ùjùf G[ùe _iY i*«ö Gji C_ùe 6A* ùciUi @k@i @iaR^ie Ée ici^ biaùe Xik Zi C_ùe 1 A* ajke ciU I ùMiaee cgY Ke _ùf_ ù\ai @iagýK, ù~_eK aijiee _iY KùµiÁ LZ c¤K ~^ijö \Zid[e IfUiAai icdùe @iùRiùUiayiKe I `i`ei \aibZ Ke[ai ayiK@i KfPe ùMiUG LiZ _iA 4KMi, 5KMi I 2e 2.5 KMi jiiaùe ici^ bùa cgi«ö Gj _Kdiùe @Z CKÁci^e KùµiÁ _ÉZ ùjiA_iùeö _ùZýK LiZe 2U^ CKÁci^e KùµiÁ _iY C_^ jGö Gji `if _iA C_ù~iMiö Z^ cii _ùe KùµiÁ LiZe LZ @iY Rcùe aýajie Keai CPZö

---

aZe [aiùaùk @iL `ifK `iCWi ai KUeú \iei bce _Z^ ij ici^ Ke KiU \@«, ù~_eK @iL cke L<i ù\Li~aö ciU bZùe [ai L<ie @iLe MRi aijiùe, Gj MRi @]K _f ù\A[iG, ~iji`kùe ck @iL bf a\i ciùeö Gji_ùe gLfi _ZK aijie Ke ùIZK _eÃie Ke«ö @iL L<iK KiU iieai ùe jWiK Pih Ke biw \@«ö Gji `kùe _eYi ùPe ^Á ùjiA ^@i ùPe aijie @iLK aXaiùe iiji~ý Keaö ciU @]K gL ~iA[ùf RkùiP^ Ke jWi biw«ö jWi biwai icdùe GKe _Z 4U^ùMiae LZ, 40 Mic ~aIieRi^, 40 KMi `i`ei I 12 KMi _Uii iie _ùdiM Ke«ö ii]ieYZü cLý `if @ù_Iick `ifùe @]K 25% ~aIieRi^ \@i~iGö]iW c¤ùe MQK MQ aýa]i^ 45 ùice @]K [ùf jWi biwaie 30 \^ c¤ùe L*i \@«ö G[_iA @iL KiUfiùaùk GK @iL@i @iL LŠK Zk jiiaùe _Ki« K´i _f[^ cYùe Piei CZie«ö ck @iLK ùeiM cq Keai _iA L<i KiUai _ùe GKe _Z 400Mic KiùaiŠiRc 200 fUe _iYùe cgiA i*^ Ke«ö

RkùiP^e ia]û _ûA i*^~ª

Kh ùIZùe Pihúciù^ RkùiP^K ù^A ab^ iciýie i¹Lú^ ùjiA[i@i«ö G[_iA aýÉ ^ùjiA Pihúciù^ Pijùf ^ùR Gj iciýie ijR ici]i^ Ke_ieùaö G[_iA ^Zý aýaji~ý aÉK aýajie Ke La Kc Lyùe ùKek Viùe ùiVi PihúbiBci^u _iA ciAùKi Æuf ai _iY i*^~ª aijie Kei~iAQö G[ùe 3 ùic f´e I\ UýaK aýajie Kei~iAQö Rk _aijZ ùjiA_ie[ai bk UýaG[ùe @iagýKö Gj Uýae ùMiUG _iLK a¦ Ke Zie ZkK GK Q\ Ke GjiK _iY _iA_ ij iõù~iM Ke ù\ùf Pihùe _iY bf biùa i*^ ùjiA_iùeö Rkibia ù~iM aj[e `if CRW ~aie ù\LaiK ckQö @ù^K Pihú Rkiciýie ici]i^K aýdajk ùaif bia[i@i«ö K« Gjie ici]i^ _iA Rcùe @i]^K ùciUe_µ ii_^ KeaiK ùjiA[iGö Gji @]K aýdajk ùjiA[aie ii]ieY PihúUG ^R Rcùe Gj _µ aýaii Keai KÁ\idK ùjiA[iGö G_eK @ù^K icdùe _µ Lei_ ùjiA_W[iG, ~ijie ceicZ Keai Pihúu _ùI ajZ KÁ\idKö K« Gj i*^ _Yikú La ijRö Pihúciù^ GjiK @^idiiùe aýajie Ke ^R Rce Rk iciýiK ici]i^ Ke_ieùaö

।।।।।।।।।। ପ୍ରତିଷ୍ଠା ଦିବସରେ 'ପିଏକ୍ସଇ'ର ଐତିହାସିକ ପଦକ୍ଷେପ ।।।।।।।।।।

ଯାନ୍ତ୍ରିକ ଯୁଦ୍ଧାସ୍ତ୍ର ସମ୍ବଳିତ 'ଉଇପୋନ୍ ମ୍ୟୁଜିୟମ' ଉଦ୍‌ଘାଟିତ

ବାଲେଶ୍ୱର,୮।୧୧(ସକାଳଖବର): ପ୍ରତିରକ୍ଷା ବିଭାଗର ଚାନ୍ଦିପୁରସ୍ଥିତ 'ପ୍ରୁଫ୍ ଏଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିସମେଣ୍ଟ 'ପିଏକ୍ସଇ'ର ୧୨୩ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଯାଇଛି। ୧୨୩ ବର୍ଷର ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ପୁରାତନ ଯାନ୍ତ୍ରିକ ଯୁଦ୍ଧାସ୍ତ୍ର ସମ୍ବଳିତ 'ଉଇପୋନ୍ ମ୍ୟୁଜିୟମ' ଏହି ଅବସରରେ ଉଦ୍‌ଘାଟିତ ହୋଇଥିଲା। ଭାରତୀୟ ପ୍ରତିରକ୍ଷା ମନ୍ତ୍ରାଳୟ ସଚିବ ତଥା ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ)ର ଚେୟାରମ୍ୟାନ୍ ଡକ୍ଟର ଏସ କ୍ରିଷ୍ଟପର ଏହି ମ୍ୟୁଜିୟମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତତ୍କାଳୀନ ଦେଶର ନିରାପତ୍ତା କ୍ଷେତ୍ରରେ ସଫଳତା ପ୍ରଦର୍ଶନ ସହ ପ୍ରତିରକ୍ଷା ବିଭାଗର କ୍ଷମତା ଓ ଗୌରବ ବୃଦ୍ଧିରେ ସହାୟ ହୋଇଥିବା ବିଭିନ୍ନ ଯାନ୍ତ୍ରିକ ଯୁଦ୍ଧାସ୍ତ୍ରକୁ ଏହି ମ୍ୟୁଜିମ୍‌ରେ ପ୍ରଦର୍ଶିତ ପାଇଁ ରଖାଯାଇଥିବା ଦେଖିବାକୁ ମିଳିଥିଲା। ରୁଷିଆଠାରୁ କ୍ରୟ ହୋଇ ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧରେ ବ୍ୟବହୃତ ସହ ଦେଶକୁ ବିଜୟର ଟୀକା ପିନ୍ଧାଇଥିବା ଏଫ-୫୫ ଟ୍ୟାଙ୍କ, ୧୯୮୨ ମସିହାରେ ବ୍ୟବହୃତ ୧୪୦ ଏମଏମର ଏକ ରକେଟ୍ ଲଞ୍ଚର, ୭୦ ଦଶକରେ ଭାରତୀୟ ନୌସେନାକୁ କ୍ଷମତାଶାଳୀ କରାଇଥିବା ଏବଂ ଏକ ମିନିଟ୍‌ରେ ଦୁଇ ହଜାର ଗୋଳା ନିକ୍ଷେପ କରିପାରୁଥିବା ଏକେ-୨୩୦ ନେଭାଲ ମେସିନ୍ ଗନ୍ ଏହି ମ୍ୟୁଜିୟମରେ ସ୍ଥାନିତ କରାଯାଇଛି। ଏଥି ସହିତ ଭାରତୀୟ ପ୍ରତିରକ୍ଷା ବିଭାଗର ବହୁ ପୁରାତନ ଯାନ୍ତ୍ରିକ ଯୁଦ୍ଧାସ୍ତ୍ରକୁ ମଧ୍ୟ ଏହି ମ୍ୟୁଜିୟମରେ ରଖା ଯାଇଥିବା ଦେଖିବାକୁ ମିଳିଥିଲା। ମ୍ୟୁଜିୟମ ଉଦଘାଟିତ ପରେ ସଂସ୍ଥାନର ନିର୍ଦ୍ଦେଶକ ଆର ଆପାଭୁରାଜ ପିଏକ୍ସଇର ପ୍ରତିଷ୍ଠା ଉତ୍ସବକୁ ପତକା ଉତ୍ତୋଳନ ପୂର୍ବକ ଶୁଭାରମ୍ଭ କରିଥିଲେ। କାଯର୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁଁ ପିଏକ୍ସଇ ୧୨୩ ବର୍ଷ ଧରି ସଫଳତାର ଟୀକା ପିନ୍ଧି ଚାଲିଛି ବୋଲି ସେ କହିଛି। ଏହା ବ୍ୟତୀତ 'ଉଇପୋନ୍ ମ୍ୟୁଜିୟମ' ପ୍ରତିଷ୍ଠାର ଆଭିମୁଖ୍ୟ ସମ୍ପର୍କରେ ଶ୍ରୀ ଆପାଭୁରାଜ ସୂଚନା ଦେଇଥିଲେ। ପିଏକ୍ସଇର ଇତିହାସ ଓ ସମ୍ପର୍କରେ ଦେଶର ଉତ୍ତର ପିଢ଼ିଙ୍କୁ ଅବଗତ କରିବା ପାଇଁ ଏହି ମ୍ୟୁଜିୟମ ଖୋଲା ଯାଇଥିବା ସେ କହିଥିଲେ। ପିଏକ୍ସଇର ପ୍ରତିଷ୍ଠା ଦିବସକୁ ଅଧିକ ଆର୍କଷଣୀୟ ତଥା ସ୍ମରଣୀୟ କରିବା ପାଇଁ ବିଭାଗ ପକ୍ଷରୁ କର୍ମଚାରୀ ଓ ଅଧିକାରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କର୍ତ୍ତବ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଧ୍ୟାରେ ଆୟୋଜିତ ସାଂସ୍କୃତିକ କାଯର୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିଏକ୍ସଇ ଉତ୍ସବ କମିଟି ଅଧ୍ୟକ୍ଷ କର୍ଣ୍ଣେଲ ଋତୁପୂର୍ଣ୍ଣ ସେନଗୁପ୍ତ, କର୍ଣ୍ଣେଲ ମୁକୁଲ ବର୍ମା, ବୈଜ୍ଞାନିକ ବିକେ ପଣ୍ଡା, କେସି ରାଓ୍ୱତ, ଆରକେ ଗଙ୍ଗୱାର, ଟେକ୍ନିକାଲ ଅଫିସର ଦୀପକ କୁମାର ଦାସ, ଲମ୍ବୋଦର ସାହୁ, ଲକ୍ଷ୍ମୀକାନ୍ତ ଚାନ୍ଦ, ସଂଗ୍ରାମ କେଶରୀ ପତି ପ୍ରମୁଖ ଏଥିରେ ଯୋଗଦେଇ ସମସ୍ତ କାଯର୍ୟକୁ ପରିଚାଳନା କରିଥିଲେ।

ଅବନୀ ବରାଳଙ୍କ ଚତୁର୍ଥ ବାର୍ଷିକୀ ସ୍ମୃତି ସମାରୋହ

କମ୍ରେଡ଼ ଅବନୀ ବରାଳଙ୍କ
ସ୍ମୃତି ସମାରୋହ
ଅବନୀ ବରାଳ ସ୍ମୃତି କମିଟି

ଭୁବନେଶ୍ୱର, ୮।୧୧(ସକାଳଖବର): ପ୍ରଖ୍ୟାତ ଶିକ୍ଷକ ନେତା, ବହୁମୁଖୀ ପ୍ରତିଭା ଯଥା- ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ଷଢ଼େଇକଳା, ଖରସୁଆଁ ଓଡ଼ିଶାର ସୀମା ମଧ୍ୟରେ ରଖିବା ଦାବୀରେ ଆନ୍ଦୋଳନ ଉପରେ କଟକରେ କର୍ଫ୍ୟୁ ଜାରି ହୋଇଥିବାବେଳେ ରେଭେନ୍ସା ହଷ୍ଟେଲରୁ ଛାତ୍ରଙ୍କୁ ଆଣି କର୍ଫ୍ୟୁ ଜାରି ଥିବା କଲେଜ ରାସ୍ତାରେ ନିଜେ ବନ୍ଦେ ଉତ୍କଳ ଜନନୀ ଗାନ କରି ସମୂହ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଇ - ବନ୍ଧୁକଧାରୀ ପୋଲିସ୍‌ଙ୍କୁ ସ୍ତମ୍ଭୀଭୂତ କରିଥିଲେ ଓ ସମସ୍ତ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ସଙ୍ଗୀତ ଗାନ କରିବା ସହ କଲେଜ ରୋଡ଼ ପରିକ୍ରମା କରି ହଷ୍ଟେଲ୍ ଭିତରକୁ ପ୍ରବେଶ ପର୍ଯ୍ୟନ୍ତ ଅବନୀ ବରାଳ ବନ୍ଦେ ଉତ୍କଳ ଗାନ କରୁଥାନ୍ତି, ଏହା ହିଁ ଥିଲା ବନ୍ଧୁକକୁ ସାମନା କରିବାର ବଳିଷ୍ଠ ନେତୃତ୍ୱ । ଇପ୍‌ଟା ଆନ୍ଦୋଳନ, ପ୍ରଗତିଶୀଳ ଲେଖକ ରସଂଘ, ଶିକ୍ଷକ ମହାସଂଘ ସର୍ବୋପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିବା ବହୁମୁଖୀ ପ୍ରତିଭା ଅବନୀ ବରାଳଙ୍କ ତା ୭.୧୧.୨୦୧୩ରିଖରେ ଅକାଳ ବିୟୋଗ ଘଟିଲା । ଏହି ମହାନ୍ ପ୍ରତିଭାଙ୍କ ସ୍ମୃତି ଚାରଣ ନିମନ୍ତେ ଭୁବନେଶ୍ୱର, ଭଗବତୀ ଭବନଠାରେ ଗତକାଲି ସନ୍ଧ୍ୟାରେ ଅବନୀ ବରାଳ ସ୍ମୃତି କମିଟି ପକ୍ଷରୁ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ଦିବାକର ନାୟକ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ରାମକୃଷ୍ଣ ପଣ୍ଡା, ଅଧ୍ୟାପକ ମହେନ୍ଦ୍ର ଜେନା, ସିପିଆଇ ଅଞ୍ଚଳ ସମ୍ପାଦକ ସୁର ଜେନା, ବନଲତା ଜେନା, ବିଜୟ ମହାନ୍ତି, ଲିଙ୍ଗରାଜ ସାହୁ, ଅଶୋକ ଦାସ, କିଶୋର ନାୟକ, ନାରାୟଣ ଡାଳୁଆ, ଗୋହିଗୋବିନ୍ଦ ବେଶ୍ରା, ରାକେଶ ପାତ୍ର, ସଂଘମିତ୍ରା ଜେନା, ସ୍ୱାତୀ ମିଶ୍ର, ମନୋରମା ଖଟୁଆ, ଅରୁଣ ପରିଡ଼ା ପ୍ରମୁଖ ଅବନୀ ବରାଳଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରି ତାଙ୍କ ପ୍ରଦର୍ଶିତ ନୀତି, ଆଦର୍ଶକୁ ଅନୁସରଣ କରି ଆଗଭର ହେବାକୁ ସଙ୍କଳ୍ପ କରିଥିଲେ । ଏହି ସ୍ମୃତିସଭା ଜୟନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।

କୋରାଇ ବ୍ଲକର ବିଭିନ୍ନ ପଂଚାୟତରେ ଅଜଣା ରୋଗର ଶିକାର ଧାନଚାଷ

କୋରାଇ,୮।୧୧(ସକାଳଖବର): କୋରାଇ ବ୍ଲକର ବିଭିନ୍ନ ପଂଚାୟତରେ ଧାନ ଫସଲରେ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଧାନ ଅମଳ ବେଳ ହେବାକୁ ବସିଲାଣି କେଉଁଠି ଧାନପେଣ୍ଡ ପଚି ଯାଉଛି ତ ପୁଣି କେଉଁଠି ପେଣ୍ଡା ଅଗାଡ଼ି ହୋଇଯାଉଛି। ଫଳରେ ଉଜୁଡ଼ା କ୍ଷେତକୁ ଦେଖି ଚାଷୀ ମୁଣ୍ଡରେ ଚହକ ପଡ଼ିବାକୁ ବସିଲାଣି। କୃଷି ବିଭାଗ ଅନୁଧ୍ୟାନ କରୁଛି କିନ୍ତୁ କିଛି ସୁଫଳ ମିଳୁନି। କେତେକ ଚାଷୀ କୃଷି କାର୍ଯ୍ୟାଳୟକୁ ଯାଇ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ପଥରପଦା ପଂଚାୟତର ମୁଲରୀ ଗ୍ରାମରେ ୩୦ ଏକରୁ ଉର୍ଦ୍ଧ୍ୱ ଜମିରେ ଏଭଳି ଅବସ୍ଥା ଦେଖାଦେଇଛି। ଅମୂଲ୍ୟ ଦାସ, ଶ୍ରୀଧର ନାୟକ, ଅମୂଲ୍ୟ ମଲ୍ଲିକ, ଶ୍ରୀଧର ପରିଡ଼ା, ଶଙ୍କର୍ଷଣ ପରିଡ଼ା, ନଟବର ପରିଡ଼ା, ଦ୍ୱିଜବର ପରିଡ଼ା, ବଟକୃଷ୍ଣ ପରିଡ଼ା, ମକରଧ୍ୱଜ ପରିଡ଼ା, ଶିବ ପରିଡ଼ା, ଗଦାଧର ସ୍ୱାଇଁ, ଗୋବିନ୍ଦ ସ୍ୱାଇଁ, ନରହରି ସ୍ୱାଇଁ, ବାବାଜି ମଲିକ, ଭୀମସେନ ଦାସ, ଜଟି ମଲିକ, କାଳନ୍ଦୀ ବେହେରା, ବଳରାମ ସାହୁ, ପ୍ରଫୁଲ୍ଲ ସାହୁ, ଦୁଃଖି ସାହୁ, ମାଗୁଣୀ ମଲିକ, ସନାତନ ଧିର, ମଣି ସେଠୀ, କାଳନ୍ଦୀ ସାହୁ, ବୈକୁଣ୍ଠ ସାହୁ, ପଦ୍ମନାଭ ସ୍ୱାଇଁ, କମଳ ଯେନା, ଗୋପାଳ ସ୍ୱାଇଁଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଚାଷୀ ଏଭଳି ଅବସ୍ଥାରେ ଅଛନ୍ତି। ପରିପାର ପ୍ରତିପୋଷଣ, ସମବାୟ ଋଣ, ଗାଁ କରଜ କିପରି ସୁଝିବେ ସେଇ ଚିନ୍ତାରେ ଏବେ ଚାଷୀ, ସେହିପରି କନ୍ତୋର ପଂଚାୟତ ହିମାଂଶୁ ବରାଳଙ୍କ ଚାଷ ଜମିର ଅବସ୍ଥା ଏଭଳି ମଧ ହୋଇଛି। ସେହିପରି ପଥରପଦା, ଅଳତିରି ମହମ୍ମଦ ଜମାଲପୁର ଆଦି ଗ୍ରାମର ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ସାହୁ, ସହକାରୀ କୃଷି ଅଧିକାରୀ ଶରତ ନାୟକ, ଅଜୟ ପରିଡ଼ା, ଶସ୍ୟ ସଂରକ୍ଷଣ ଅଧିକାରୀ ଶ୍ୱେତଞ୍ଜୟ ଦାସ, ଗ୍ରାମ କୃଷି କର୍ମଚାରୀ ବିକାଶ ବେହେରା, କୃଷକ ସାଥି ସୁରେଶ ଚନ୍ଦ୍ର ଧଳ, ଶଶିକାନ୍ତ ମଲ୍ଲିକ ପ୍ରମୁଖ ବିଭିନ୍ନ ଗ୍ରାମକୁ ଯାଇ ଚାଷୀ ବିପିନ ବିହାରୀ ଦାସ, ପୂର୍ଣ୍ଣାନନ୍ଦ ପରିଡ଼ାଙ୍କ ସମେତ କ୍ଷେତ୍ର ପରିଦର୍ଶନ କରିଛନ୍ତି।

ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ
ଭୁବନେଶ୍ୱର

ଭୁବନେଶ୍ୱର, ୮।୧୧(ସକାଳଖବର): ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖରପୁର ହନୁମାନ ମନ୍ଦିର ପ୍ରାଙ୍ଗଣରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବରିଷ୍ଠ ଉପସଭାପତି ପ୍ରଫେସର ଧରଣୀଧର ନାୟକ ଅଧକ୍ଷତା କରିଥିଲେ। ସଂଘର ଉପଦେଷ୍ଟା ତଥା ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପାଳ ନନ୍ଦ, ପ୍ରଫେସର ଡ. ବ୍ରଜେନ୍ଦ୍ର କୁମାର ଦାସ, ଡାଃ କୃପାସିନ୍ଧୁ ପଣ୍ଡା ପ୍ରମୁଖ ଯୋଗ ଦେଇ ଯୌଥ ପରିବାରର କ୍ରମ ଅବକ୍ଷୟ ଘଟୁଥିବା ଯୋଗୁଁ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକମାନଙ୍କୁ ଦିଆଯାଉଥିବା ମାତ୍ର ୩ଶହ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତାକୁ ନାପସନ୍ଦ କରି ତାହାର ଯଥାର୍ଥ ବୃଦ୍ଧି ଘଟିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଂଘ ପରିଚାଳନା କମିଟିକୁ ବହୁ ମତରେ ପୁର୍ନଗଠିତ କରାଯାଇଥିଲା। ଏହି ନୂତନ କମିଟିରେ ମଧୁମାଧବ ଜେନା - ସଭାପତି, ଲକ୍ଷ୍ମୀଧର ବେହେରା, ଅକ୍ଷୟ କୁମାର ମିଶ୍ର, ଧରଣୀଧର ନାୟକ, ଯୁଗଳ କିଶୋର ସାହୁ - ସାଧାରଣ ସମ୍ପାଦକ, ସୁରେନ୍ଦ୍ର କୁମାର ମିଶ୍ର ଓ ସଚିତ୍ର କୁମାର ପାତ୍ର - ଯୁଗ୍ମ ସମ୍ପାଦକ, ପ୍ରହ୍ଲାଦ ତ୍ରିପାଠୀ, ବିଜୟ କୁମାର ନନ୍ଦ, ଗୋଲକ ବିହାରୀ ପାତ୍ର, ସୀତାକାନ୍ତ ପତ୍ରୀ ଓ ପ୍ରଣବ କୁମାର ମଣ୍ଡଳ - ସମ୍ପାଦକ ଏବଂ ପଦ୍ମ ଚରଣ ମହାନ୍ତି - କୋଷାଧକ୍ଷ ହୋଇଥିବା ବେଳେ ୨୦୧୬-୧୭ ବର୍ଷ ଲାଗି ସଂଘ ସହ ଅନୁବନ୍ଧିତ ସମସ୍ତ ବରିଷ୍ଠ ନାଗରିକ ସମିତିର ବୈଧ ପ୍ରତିନିଧି ମାନଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ଗ୍ରହଣ କରାଯାଇଛି।

ଅଙ୍ଗନୱାଡ଼ି କର୍ମୀ ବ୍ଲକ ଘେରାଓ :
ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ହରିଚନ୍ଦନପୁର,୮।୧୧(ସକାଳଖବର):ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ମହିଳା ୱାର୍କସ ଆସୋସିଏସନ ଆହ୍ୱାନ କ୍ରମେ ୧୧ ଦଫା ଦାବିନେଇ ହରିଚନ୍ଦନପୁର ଅଙ୍ଗନୱାଡ଼ି କର୍ମୀମାନେ ରେଲଓ୍ୱ ଓଭର ବ୍ରିଜ ବାଇପାସ୍ ଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଂଚିଥିଲେ। ଏବଂ ବ୍ଲକକୁ ଘେରାଉ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ହରିଚନ୍ଦନପୁର ଏବିଡିଓ ବିପ୍ରଚରଣ ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାର ୪୬ ଓ କେନ୍ଦ୍ର ସରକାର ୬ ଗୋଟି ଯୋଜନାରେ କାର୍ଯ୍ୟ କରିବାକୁ ଦିଆଯାଇଥିଲେ ବି ପରିଶ୍ରମ ଅନୁଯାୟୀ ଦରମା ମିଳୁନଥିବାରୁ ଅଙ୍ଗନୱାଡ଼ି କର୍ମଚାରୀମାନେ ଦୀର୍ଘ ୪୦ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବାରୁ ସରକାର ୨ହଜାର ଟଙ୍କା ବଢ଼ାଇଲେ କିନ୍ତୁ ଏଥିରେ ସେମାନେ ସନ୍ତୁଷ୍ଟ ନୁହଁନ୍ତି। ଯାହାଫଳରେ ଆଜି ହରିଚନ୍ଦନପୁର ଅଙ୍ଗନୱାଡ଼ି କର୍ମୀ ଦରମା ବୃଦ୍ଧି, ସରକାରୀ ମାନ୍ୟତା, ସରକାରୀ କର୍ମଚାରୀ ଘୋଷଣା କରି ମାସିକ ୧୮ହଜାର, ସହାୟକ ୯ହଜାର ଟଙ୍କା ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଗାଇ ଦେବା, ସୁପର ଭାଇଜର ପଦବୀକୁ କେବଳ ଅଙ୍ଗନୱାଡ଼ି କର୍ମୀମାନଙ୍କ ପଦୋନ୍ନତି ଓ ମିନି ଅଙ୍ଗନୱାଡ଼ିରେ ସହାୟିକା ନିଯୁକ୍ତି, ଗରମ ରନ୍ଧାଖାଦ୍ୟରୁ ୱାର୍ଡ଼ ମେମ୍ବର ଓ କାଉନସିଲରମାନଙ୍କୁ ବାଦ୍ ଦେବା ଆଦି ୧୦ଟି ଦାବିକୁ ନେଇ ବ୍ଲକ ଘେରାଉକରି କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ହରିଚନ୍ଦନପୁର ଏବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବ୍ଲକ ଘେରାଉ କାର୍ଯ୍ୟ କ୍ରମରେ ଅଙ୍ଗନୱାଡ଼ି କର୍ମଚାରୀ ସଭାପତି ସୁଲୋଚନା ସାହୁ, ସମ୍ପାଦକ ସଂଯୁକ୍ତା ସାହୁ, କୋଷାଧକ୍ଷ ଦେବକୀ ମହାନ୍ତ, ସେକ୍ଟର ଲିଡର ରୀନା ବେହେରା, ଭାର୍ଗବୀ ମହାନ୍ତ, ଅହଲ୍ୟା ମହାନ୍ତ, ସବିତା ସେଠୀ, ରଶ୍ମି ନାଏକ, ଭାରତୀ ପାତ୍ର, ସଂଯୁକ୍ତା ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ସାହୁ, ସୁରୁ ମାଝିଙ୍କ ନେତୃତ୍ୱରେ ୫୦୦ରୁ ଉର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀ ବ୍ଲକ ଘେରାଉ କରି କେନ୍ଦ୍ର ସରକାର ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରରେ ସଫଳ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ

କୋରାଇ, ୦୭ ନଭେମ୍ବର(ହି.ସ.) - ପାଣିକୋଇଲିରେ ଥିବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା କେନ୍ଦ୍ର ଏହାର ସଫଳ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛି। ଯାଜପୁର ଜିଲ୍ଲାରେ ୪ଟି ସ୍ଥାନରେ ଏହି କୌଶଳ କେନ୍ଦ୍ରଥିବାବେଳେ ସେଥିମଧ୍ୟରୁ ପାଣିକୋଇଲି ଅନ୍ୟତମ। ଏଠାରେ ଗତ ୬ମାସରୁ ରିଟେଲ ସେଲସ୍ ଆସୋସିଏଟ ଓ ମେଡ଼ିକାଲ ସେଲସ୍ ରିପ୍ରେଜେନଟେଟିଭ୍ ୨ଟି ବିଭାଗର ନିଯୁକ୍ତି ଭିତିକ ଶିକ୍ଷା ପ୍ରଦାନ କରାଯାଉଛି। ଏହା ଭାରତ ସରକାରଙ୍କ ଏନ୍.ଏସ୍.ଡି.ସି. ଅଧିନରେ କାର୍ଯ୍ୟରତ ଅଟେ। ଏଠାରେ ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣ କରି ବିଭିନ୍ନ ସ୍ଥାନମାନଙ୍କରେ ନିଯୁକ୍ତି ପାଇବାର ସୁବିଧା ରହିଛି। ସଂସ୍ଥାର ନିର୍ଦ୍ଦେଶକ ସନ୍ଦିପ କୁମାର ନାୟକ, ସହଯୋଗି ରଞ୍ଜନ କୁମାର ସାହୁ, ବିକାଶ ମଲ୍ଲିକ, ଶିକ୍ଷକ ପଦ୍ମଲୋଚନ ମଲ୍ଲିକ, ରଞ୍ଜିତା ମହାକୁଡ଼, ଶସ୍ମିତା ସାହୁ, ଜୋତିସ ବେହେରା, ଆର୍ଯ୍ୟସୂତା ରାୟଙ୍କ ଉପସ୍ଥିତରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ସଂସ୍ଥାର ନିର୍ଦ୍ଦେଶକ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ ନିକଟରେ ଏକ କୌଶଳ ମେଳା କରିବାର ମଧ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବିଭିନ୍ନ କମ୍ପାନୀ ତରଫରୁ ନିଯୁକ୍ତି ବ୍ୟବସ୍ଥା ରହିବା ଏହି ଶିକ୍ଷା ବ୍ୟବସ୍ଥାର ସମସ୍ତ ଖର୍ଚ୍ଚ ଭାରତ ସରକାର ବହନ କରୁଛନ୍ତି, ଏଣୁ ଏହାର ଲାଭ ଉଠାଇବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

ପାଣିକୋଇଲି ଠାରେ ଜିଲ୍ଲାର ସୁପର ସ୍ପେଶାଲିଷ୍ଟ ହସ୍‌ପିଟାଲ ନିର୍ମାଣ ଦାବିରେ ଗଣ ଦସ୍ତଖତ ଅଭିଯାନ

କୋରାଇ, ୮।୧୧(ସକାଳଖବର): ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ସୁପର ସ୍ପେଶାଲିଟି ହସ୍ପିଟାଲ କରିବା ନିମନ୍ତେ ସ୍ଥିର କରିଛନ୍ତି। ଯାଜପୁର ଜିଲ୍ଲାରେ ଉକ୍ତ ହସ୍‌ପିଟାଲର ନିର୍ମାଣ ପାଣିକୋଇଲି ଠାରେ କରାଯିବା ଦାବିରେ ବ୍ୟାସନଗର ବିକାଶ ମଂଚ ପକ୍ଷରୁ ଗଣ ଦସ୍ତଖତ ଅଭିଯାନ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଆଙ୍କୁଲା ଠାରେ ଏହା ନିର୍ମାଣ କରିବା ନିମନ୍ତେ ସ୍ଥିର ହୋଇଥିବାବେଳେ ଏହାର ପରିବର୍ତ୍ତନ କରି ଭୌଗଳିକ, ଗମନାଗମନ ଓ ଭିତିଭୂମି ଆଦି ସମସ୍ତ ଦିଗକୁ ବିଚାରକୁ ନେଲେ ପାଣିକୋଇଲି ହିଁ ଉପଯୁକ୍ତ ସ୍ଥାନ। ପାଣିକୋଇଲି ଯାଜପୁର ଜିଲ୍ଲାର ମୁଖ୍ୟ କେନ୍ଦ୍ରସ୍ଥଳୀ ହୋଇଥିବାବେଳେ ଦୁଇଟି ଜାତୀୟ ରାଜପଥର ମିଳନସ୍ଥଳୀ ତେଣୁ ଗମନାଗମନ ଦୃଷ୍ଟିରୁ ଜିଲ୍ଲାବାସୀଙ୍କ ନିମନ୍ତେ ଏହା ସୁଗମ୍ୟ ଅଟେ। ସୁପର ହସ୍‌ପିଟାଲକୁ ଆଙ୍କୁଲା ପରିବର୍ତ୍ତେ ପାଣିକୋଇଲି ଠାରେ କରାଯିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପାଇଁ ଗଣ ଦସ୍ତଖତ ଅଭିଯାନ କରାଯିବା ସହ ପାଣିକୋଇଲି ଠାରେ ଏକ ପଥପ୍ରାନ୍ତ ସଭା ଆଇନଜୀବି ବଟକୃଷ୍ଣ ମହାପାତ୍ରଙ୍କ ଅଧକ୍ଷତାରେ କରାଯାଇଥିଲା। ଉକ୍ତ ସଭାରେ ରଘୁନାଥ ମାଝୀ, ସଦାଶିବ ଦାସ, ସୁବାସ ଧଳ, ଭ୍ରମରବର ରାଉତ, ଚିନ୍ମୟ ଜେନା, ବିଶ୍ୱଜିତ ମହାନ୍ତି, ପ୍ରଫୁଲ୍ଲ ନାୟକ, ମଧୁସୂଦନ ସାହୁ, ଘନଶ୍ୟାମ ପଣ୍ଡା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିବାବେଳେ ଲମ୍ବୋଦର ମଲ୍ଲିକ, ବିଭୁତି ଭୁଷଣ ବଳିୟାରସିଂ, ନାରାୟଣ ରାଉତରାୟ, ନିରଞ୍ଜନ ଘଡ଼ାଇ, ରାଜେନ୍ଦ୍ର ମଲ୍ଲିକ, କାହ୍ନୁ ଚରଣ ଦାସ, କାର୍ତ୍ତିକ ପରିଡ଼ା, ତାରିଣୀ କୁମାର ପଟ୍ଟନାୟକ, ବିଷ୍ଣୁ ମୋହନ ବେହେରା, ସିତେଶ ପରିଡ଼ା, ଜ୍ୟୋତିପ୍ରକାଶ ମଲ୍ଲିକ, ସୁଦାମ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସଠିପୁର, ବୈତରଣୀରୋଡ଼ ଓ କୋରାଇ ଠାରେ ପଥପ୍ରାନ୍ତ ସଭା ଓ ଗଣ ଦସ୍ତଖତ ଅଭିଯାନ କରାଯିବା ସହ ଦାବି ପୂରଣ ପାଇଁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବାକୁ ନିଷ୍ପତି ହୋଇଥିଲା।

ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ଅନୁଷ୍ଠିତ

ତାଳଚେର ୮।୧୧(ସକାଳଖବର): ବଣିକ ସଂଘ ଉପଦେଷ୍ଟା ଦିଗାମ୍ବର ଗଡନାୟକ,ପତିତପାବନ ପ୍ରଧାନ, ଶୁଶାନ୍ତ ସାହୁ, ଉଚ୍ଛବ ପ୍ରଧାନ,ଅଶୋକ ପ୍ରଧାନ,ଯୁଧିଷ୍ଠିର ପାଲ୍,ତ୍ରିଲୋଚନ ବର୍ମା,ରଘୁବୀର ଗର୍ଗ, ନାରାୟଣ ବେହେରା,ଗଗନ ବିହାରୀ ସାହୁ, ଖଗେଶ୍ୱର ସାହୁ,ଧ୍ରୁବଚରଣ ବେହେରା, ଅକ୍ରୁର ସାହୁ, ପ୍ରଦୀପ ପଟ୍ଟନାୟକ, ଅକ୍ଷୟ ମହାପାତ୍ର,ଅନନ୍ତ କୁମାର ସିଂ,ଚିନ୍ମୟ କୁମାର ସାହୁ,ବସନ୍ତ କୁମାର ନାୟକ, ଅଭୟ କୁମାର ସାହୁ,ତିଳା ସାହୁ, ଦୀପକ ଅଗ୍ରୱାଲ, କେଶବ ରାଉତ,ବିଜୟ ପ୍ରଧାନ,ଶତ୍ରୁଘ୍ନ ପ୍ରଧାନ,ରିଙ୍କୁ ମହାନ୍ତି, ମୀନକେତନ ଗଡନାୟକ,ବାସୁଦେବ ସାହୁ,ଲିଲୁ ଗଡନାୟକ,ଶାନ୍ତନୁ ବେହେରା, ବିଶ୍ୱ ମାନବାଧିକାର ସଂଗଠନର ସଂପାଦକ ସଂଜୟ କୁମାର ସିଂ ଓ ରାଜେଶ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ରକ୍ତଦାତାମାନଙ୍କୁ ରକ୍ତ ଭଣ୍ଡାର ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ସମ୍ବଲପୁରରେ...

ମୃତ ଦେହ ଉଦ୍ଧାର ହୋଇଥିଲା । ସୂଚନାଅନୁସାରେ ରାତି ପ୍ରାୟ ୧୦ଟା ପାଖାପାଖି ସମୟରେ ଝାରସୁଗୁଡ଼ା-ସମ୍ବଲପୁର ଡିଏମୟୁ ଟ୍ରେନରେ କଟି ପଣ୍ଡା ପରିବାରର ୫ଜଣ ସଦସ୍ୟଙ୍କ ଜୀବନ ଯାଇଛି । ଏହା ସମୂହ ଆତ୍ମହତ୍ୟା ନା ବିଭତ୍ସ ହତ୍ୟାକାଣ୍ଡ ତାକୁ ନେଇ ସନ୍ଦେହର ସୂତ୍ରପାତ ହୋଇଛି । ପୁଲିସ ଶବ ଗୁଡ଼ିକ ଜବତ କରିବା ସହିତ ତଦନ୍ତ ଜାରି ରଖିଛି ।

ହିମାଚଳପ୍ରଦେଶ...

ଜଣ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୪ ଲକ୍ଷ ୫୭ହଜାର ୧୬୬ ମହିଳା ଭୋଟର ଥିବା ବେଳେ ୨୫ଲକ୍ଷ ୬୮ହଜାର ୭୬୧ ପୁରୁଷ ଭୋଟର ଅଛନ୍ତି। ଦୁଇ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଓ ବିଜେପି ସମସ୍ତ ନିର୍ବାଚନମଣ୍ଡଳୀର ନିଜର ପ୍ରାର୍ଥୀ ଦେଇଛନ୍ତି।

୨୮ରୁ ...

ବିଧାନସଭା ଛୁଟି ରହିବ । ସେହିପରି ଡିସେମ୍ବର ୨୫ ତାରିଖ ବଡଦିନ ପାଇଁ ଛୁଟି ରହିବ । ଡିସେମ୍ବର ୩ ରବିବାର , ୯ ଓ ୧୦ ଦ୍ୱିତୀୟ ଶନିବାର ଓ ରବିବାର , ୨୪ ତାରିଖ ରବିବାର ପଡୁଥିବାରୁ ଗୃହ ବନ୍ଦ ରହିବ ।

ନଭେମ୍ବର ୩୦ ତାରିଖ ଦିନ ରାଜ୍ୟ ଅର୍ଥ ମନ୍ତ୍ରୀ ଶଶି ଭୂଷଣ ବେହେରା ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଆଗତ କରିବେ । ଡିସେମ୍ବର ୭,୮ ଓ ୧୧ ତାରିଖ ଦିନ ବିଭାଗୀୟ ଖର୍ଚ୍ଚ ଦାବି ଉପରେ ଆଲୋଚନା ପାଇଁ ଧାର୍ଯ୍ୟ ହୋଇଛି ।

ଏହି ଅଧିବେଶନ କାଳରେ କେଉଁ ଦିନ କେଉଁ ବିଭାଗର ପ୍ରଶ୍ନ ଉପରେ ଆଲୋଚନା ହେବ ତାର ଦିନ ଧାର୍ଯ୍ୟ ହୋଇଛି । ଏ ସମ୍ପର୍କରେ ମଧ ଆଉ ଏକ ବିଜ୍ଞପ୍ତି ବିଧାନସଭା ସଚିବାଳୟ ତରଫରୁ ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ଆରମ୍ଭ ଦିନ ନଭେମ୍ବର ୨୮ ଓ ଡିସେମ୍ବର ୫, ୧୨, ୧୯, ୨୬ ତାରିଖରେ ପଂଚାୟତରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଏବଂ ପରିବେଶ, କ୍ରୀଡ଼ା ଯୁବ ସେବା, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଏବଂ ସୂଚନା ଲୋକ ସମ୍ପର୍କ ବିଭାଗୀୟ ପ୍ରଶ୍ନ ଉପରେ ଆଲୋଚନା ହେବ । ସେହିପରି ନଭେମ୍ବର ୨୯, ଡିସେମ୍ବର ୬, ୧୩, ୨୦, ୨୭ ତାରିଖରେ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଶ୍ରମ ଏବଂ କର୍ମଚାରୀ ବୀମା, ମତ୍ସ୍ୟ ପଶୁ ସମ୍ପଦ ବିକାଶ, ସମବାୟ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ପ୍ରଶ୍ନ ଉପରେ ଆଲୋଚନା କରାଯିବ । ନଭେମ୍ବର ୩୦, ଡିସେମ୍ବର ୭, ୧୪, ୨୧, ୨୮ ତାରିଖରେ ବିଦ୍ୟାଳୟ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଉଚ୍ଚ ଶିକ୍ଷା, ଯୋଜନା ଏବଂ ସଂଯୋଜନା, ଆଇନ, ବିଜ୍ଞାନ ଓ ବୈଷୟିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରଶ୍ନ ଉପରେ ଆଲୋଚନା କରାଯିବ ।

ସେହିପରି ଡିସେମ୍ବର ୧, ୮, ୧୫, ୨୨, ୨୯ ଗୃହ ନିର୍ମାଣ, ନଗର ଉନ୍ନୟନ, ମହିଳା ଏବଂ ଶିଶୁ ବିକାଶ ଓ ମିଶନ ଶକ୍ତି, ଶକ୍ତି, ଶିଳ୍ପ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଇସ୍ପାତ ଏବଂ ଖଣି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରଶ୍ନ ଉପରେ ଆଲୋଚନା ହେବ । ଏହା ବ୍ୟତୀତୀ ଡିସେମ୍ବର ୧୬, ୨୩, ୩୦ ତାରିଖରେ ଅନୁସୂଚିତ ଜାତି, ଜନଜାତି ବିକାଶ, ସଂଖ୍ୟାଲଘୁ, ଏବଂ ପଛୁଆବର୍ଗ କଲ୍ୟାଣ, ବାଣିଜ୍ୟ, ପର୍ଯ୍ୟଟନ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ, ପରିବହନ ଏବଂ ସଂସ୍କୃତି ବିଭାଗର ପ୍ରଶ୍ନ ଉପରେ ଆଲୋଚନା କରାଯିବ ।

ଦିବ୍ୟାଙ୍ଗ ସୋମନାଥ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି

ରାଉରକେଲା ୮।୧୧(ସକାଳଖବର):ଦେଶରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶହଶହ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହା ପାଇଁ ବର୍ଷକୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ମାତ୍ର ଏହି ସବୁ ସବୁ ଯୋଜନା କାହା ପାଖରେ ପହଂଚି ପାରୁଛି ତ, ପୁଣି କାହା ପାଖରେ ଅପହଂଚ ସାବ୍ୟସ୍ତ ହେବା ଦେଖିବାକୁ ମିଳୁଛି । ସରକାରୀ ଯୋଜନାର ସୁଫଳ ଏବେ ମଧ୍ୟ ବହୁ ହିତାଧିକାରୀଙ୍କ ପାଖରେ ଠିକ ଭାବରେ ପହଂଚି ପାରୁନାହିଁ । ଏଭଳି ଏକ ଘଟଣା ଏବେ ଦକ୍ଷିଣ ରାଉରକେଲା ସହରତଳି ଅଂଚଳରେ ସାମନାକୁ ଆସିଛି । ଦୀର୍ଘବର୍ଷ ହେଲା ବଡ ଭଉଣୀ ମୁଣ୍ଡାଇ ଚାଲିଛନ୍ତି ଦିବ୍ୟାଙ୍ଗ ଭାଇର ବୋଝ । ବିଭିନ୍ନ ସରକାରୀ ଯୋଜନା ଠାରୁ ଯୋଜନ ଦୂରରେ ଥିବା ଏହି ଭାଇଭଉଣୀ ଭଙ୍ଗା ଦଦରା ଏକ ଘରେ ରହି ଜୀବନ ସଂଗ୍ରାମ ଜାରି ରଖିଛନ୍ତି ।ଦକ୍ଷିଣ ରାଉରକେଲା ନିକଟ ଜଲଦା 'ଏ' ବ୍ଲକର ଖାଦାନଟୋଲା ବସ୍ତିରେ ରୁହନ୍ତି ୪୦ ବର୍ଷିୟା ଅନୁରାଧା ମୁଖାର୍ଜି । ଦୀର୍ଘ ଦିନରୁ ବାପା ଭୋଳାନାଥ ମୁଖାର୍ଜି ଆରପାରିକୁ ଚାଲି ଯାଇଥିବା ବେଳେ, ଗତ ପ୍ରାୟ ୫ ମାସ ହେବ ମା' ମଧୁମତୀ ମଧ୍ୟ ଆଖି ବୁଜିଛନ୍ତି। ସ୍ୱଳ୍ପ ଆୟରେ ପରିବାର ପାଇଁ କିଛି ଟଙ୍କା ମଧ୍ୟ ସଂଚୟ କରି ପାରିଲେ ନାହିଁ ବୋଲି କୁହନ୍ତି ଅନୁରାଧା । ବାପା ତଆରି କରିଥିବା ମାଟି କୁଡିଆ ଘରଟି କାହିଁ କେଉଁ ଦିନରୁ ବର୍ଷାର ଦାଉରେ ମାଟିରେ ମିଶି ସାରିଛି । ବର୍ତମାନ ଗାଁ ଲୋକଙ୍କ ସହାୟତାରେ ନିକଟରେ ଥିବା କ୍ଲବ ପକ୍ଷରୁ ଭାଇଭଉଣୀଙ୍କୁ ଆଶ୍ରୟ ଦେବା ପାଇଁ ଏକ ଭଙ୍ଗା ଦଦରା ଘର ଯୋଗାଇ ଦିଆଯାଇଛି । ବହୁ କଷ୍ଟରେ ସେହି ଭଙ୍ଗା ଘରେ କାଳ କାଟୁଛନ୍ତି ଭାଇଭଉଣୀ । ମା'ଚାଲିଗଲା ପରେ ଦିବ୍ୟାଙ୍ଗ ଭାଇ ସୋମନାଥର ଦେଖାଶୁଣା କରୁଛନ୍ତି ଅନୁରାଧା । ବହୁ କଷ୍ଟରେ ନିଜ ଭାଇ ମୁହଁରେ ଦୁଇ ଓଳି ଦାନା ଯୋଗାଡ କରିବାରେ ବ୍ୟସ୍ତ ଅନୁରାଧା । ପରିବା ବିକି ହେଉ ଅବା କାହା ବାଡି ବଗିଚାରେ କାର୍ଯ୍ୟକରି ଘର ଗୁଜୁରାଣ ବହୁ କଷ୍ଟରେ ସେ ମେଂଟାଇଥାନ୍ତି । ସକାଳ ହେଲେ ଅନୁରାଧା ବାହାରି ଯାଆନ୍ତି କାର୍ଯ୍ୟକୁ । ସାରନଗରୀ ସୁପରମାର୍କେଟରୁ ପରିବା ଆଣି ସେ ଜଲଦା 'ଏ' ବ୍ଲକ ଜାତୀୟ ରାଜପଥ କଡରେ ବିକ୍ରି କରନ୍ତି । ଭଉଣୀ କେବେ ଘରକୁ ଫେରିବ,ଅନାଇ ରହିଥାଏ ସୋମନାଥ । ସତେ ଯେପରି ଭଙ୍ଗା ଦଦରା ଘରେ ବନ୍ଧା ପଡିଯାଇଛି ଅନୁରାଧାଙ୍କ ଭାଇ ଦିବ୍ୟାଙ୍ଗ ସୋମନାଥଙ୍କ ଜୀବନ । ପାଦେ ସୁଦ୍ଧା ଆଗେଇ ପାରୁନଥିବା ସୋମନାଥ ଭଉଣୀଙ୍କ ଉପରେ ନିର୍ଭର କରୁଥିବା ବେଳେ, ଭଉଣୀ ଅନୁରାଧା ଭାଇର ଦାୟିତ୍ୱକୁ କେବେ ବୋଝ ବୋଲି ଗ୍ରହଣ କରି ନାହାନ୍ତି । ଜୀବନ ସଂଗ୍ରାମ କରି ଭାଗ୍ୟ ସହିତ ସେ ଏବେ ମଧ୍ୟ ଯୁଝୁଛନ୍ତି । ଦିବ୍ୟାଙ୍ଗଙ୍କ ପାଇଁ ସରକାରଙ୍କ ପକ୍ଷରୁ କରାଯାଉଥିବା ବିଭିନ୍ନ ଯୋଜନାରୁ ବଂଚିତ ହୋଇଛନ୍ତି ସୋମନାଥ । ତାଙ୍କୁ ମାତ୍ର ୩୦୦ ଟଙ୍କା ଦିବ୍ୟାଙ୍ଗ ଭତା ମିଳୁଥିଲେ ମଧ୍ୟ ଏହା ସଂସାର ଚଳିବା ପାଇଁ ଯଥେଷ୍ଟ ନୁହେଁ ବୋଲି କୁହନ୍ତି ଅନୁରାଧା । ଦିବ୍ୟାଙ୍ଗ ମାନଙ୍କୁ ମିଳୁଥିବା ଅନ୍ୟାନ ଆନୁସଙ୍ଗିକ ବ୍ୟବସ୍ଥା ଏଯାଏ ମିଳିପାରି ନାହିଁ । ଏବେ ମଧ୍ୟ ଶିକ୍ଷାରୁ ବଂଚିତ ରହିଛି ସୋମନାଥ । ସରକାରଙ୍କ ସହର ପକ୍କାଘର, ବିଜୁ ପକ୍କାଘର, ଇନ୍ଦିରା ଆବାସ ଯୋଜନା ଏହି ଭାଇଭଉଣୀ ପାଇଁ ସାତସପନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାରୀ ସୁବିଧା ସୁଯୋଗ ପାଇବା ପାଇଁ ପୂର୍ବରୁ ଅନୁରାଧା ବହୁବାର ପ୍ରଶାସନ, ବିଧାୟକଙ୍କ ନିକଟରେ ନିଜ ଅସୁବିଧା ସମ୍ପର୍କରେ ଆକୁଳ ଗୁହାରି କରିଛନ୍ତି । ତେଣୁ ତାଙ୍କ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ।

ସଦ୍‌ଗୁରୁ ଜାଗୀ ବାସୁଦେବଙ୍କ ଦ୍ୱାରା ଡିସେମ୍ବର ୨୨ରେ 'ଅଲୌକିକ କଳିଙ୍ଗ' ର ଶୁଭ ଉଦ୍ଘାଟନ

ଦେଶ ବାହାରୁ ୧୦ଜଣ କବି ଯୋଗଦେବେ

ଭୁବନେଶ୍ୱର, ୮।୧୧ (ସକାଳ ଖବର): କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲ୍ଏଫ୍) /କଳିଙ୍ଗ ସାହିତ୍ୟ ଉତ୍ସବ, ଯାହାକି ଓଡ଼ିଶାର ସାଂସ୍କୃତିକ କ୍ୟାଲେଣ୍ଡରରେ ବାର୍ଷିକ ପ୍ରମୁଖ ଉତ୍ସବ ଭାବେ ସ୍ଥାନ ପାଇଛି, 'ଅଲୌକିକ କଳିଙ୍ଗ - ଅନ୍ତରାଷ୍ଟ୍ରୀୟ କବିତା ମହୋତ୍ସବ'ର ସ୍ୱତନ୍ତ୍ର ଅଧ୍ୟାୟ ଭୁବନେଶ୍ୱରରେ ଆୟୋଜନ କରିବାକୁ ଯାଉଛି। ଦୁଇ ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ୨୨ ଡିସେମ୍ବର, ୨୦୧୭ ରେ ଆରମ୍ଭ ହେବ । କଳିଙ୍ଗ ସାହିତ୍ୟ ଉତ୍ସବ (କେଏଲ୍ଏଫ୍) ପକ୍ଷରୁ ସାହିତ୍ୟ ପ୍ରତି ଆକର୍ଷଣକୁ ଉଜ୍ଜୀବିତ କରିବା ଏବଂ ଯୁବପିଢୀଙ୍କ ମଧ୍ୟରେ ପଠନ ଏବଂ ଲେଖନୀ ଶୈଳୀକୁ ବିକଶିତ କରିବାର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଡିସେମ୍ବର ୨୨, ୨୦୧୭ରେ ଭୁବନେଶ୍ୱରସ୍ଥିତ ହୋଟେଲ ମେ'ଫେୟାରଠାରେ ବିଶ୍ୱ ପ୍ରସିଦ୍ଧ ଅଲୌକିକ ଏବଂ ଯୋଗୀ ସଦ୍‌ଗୁରୁ ଜାଗୀ ବାସୁଦେବ ଏହି କଳିଙ୍ଗ ସାହିତ୍ୟ ଉତ୍ସବ 'ଅଲୌକିକ କଳିଙ୍ଗ- ଏକ ଅନ୍ତରାଷ୍ଟ୍ରୀୟ କବିତା ଉତ୍ସବ' କୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଦେଶ ବାହାରୁ କବିମାନେ ଏହି ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ବେଳେ ବଲିଉଡ୍‌ର ପ୍ରସିଦ୍ଧ ଗୀତିକାର ଶ୍ରୀ ସମୀର ଅନ୍‌ଜାନ ଏବଂ ଶ୍ରୀ ସାଗର ସରହଦୀ ଭଳି କବିମାନେ ଏହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବେ । ଅନ୍ୟମାନଙ୍କ ମଧ୍ୟରେ ଦେଶ ତଥା ଦେଶ ବାହାରୁ ବହୁ କବି, ଲେଖକ ଓ ବିଭିନ୍ନ ବର୍ଗର କଳାକାରମାନେ ଏହି କବିତା ଉତ୍ସବରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ସଦ୍‌ଗୁରୁ ଏହି 'ଅଲୌକିକ କଳିଙ୍ଗ ମହୋତ୍ସବ'ରେ ମୁଖ୍ୟଅତିଥି ତଥା ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେ ତାଙ୍କ ନିଜ ରଚିତ ପୁସ୍ତକ ଉପରେ ଆଲୋଚନା କରିବେ ଏବଂ ନିଜର ସାହିତ୍ୟିକ ଓ ଆଧ୍ୟାତ୍ମିକ ଯାତ୍ରା ଉପରେ ଆଲୋକପାତ କରିବେ । ବିଶିଷ୍ଟ ଲେଖିକା ତଥା କବୟିତ୍ରୀ ଏବଂ ସଦ୍‌ଗୁରୁଙ୍କ ସହ-ଲେଖିକା ସୁଶ୍ରୀ ଅରୁନ୍ଧତୀ ସୁବ୍ରମଣ୍ୟମ ସଦ୍‌ଗୁରୁଙ୍କ ରଚିତ ନୂତନ ପୁସ୍ତକ ନ୍ତଆଦିଯୋଗୀ : ଯୋଗର ଉତ୍ସନ୍ତ ଉପରେ ତାଙ୍କ ସହିତ ଆଲୋଚନା କରିବେ । ଏଠାରେ ସୂଚିତ କରାଯାଉଛି ଯେ, ସଦ୍‌ଗୁରୁ ଏକ ଅନୁଭବୀ ଯୋଗୀ, ରହସ୍ୟବାଦୀ ଏବଂ ଦୂରଦର୍ଶୀସମ୍ପନ୍ନ ବିଶ୍ୱସ୍ତରରେ ମାନ୍ୟତାପ୍ରାପ୍ତ ଏବଂ ସମସ୍ତଙ୍କର ଅତି ଆଦରଣୀୟ ଆଧ୍ୟାତ୍ମିକ ଗୁରୁ, ଯିଏକି ନିକଟରେ ନଦୀର ସୁରକ୍ଷା ପାଇଁ 'ରାଲି ଫର୍ ରିଭର' ନାମକ ଏକ ଅଭିଯାନ ଆରମ୍ଭ କରିଛନ୍ତି, ଯାହା ଭାରତୀୟ ନଦୀଗୁଡ଼ିକର ପୁର୍ନରୁଦ୍ଧାର ଦିଗରେ ଜନଜାଗରଣ ସୃଷ୍ଟି କରିଛି ଏବଂ ଦେଶବ୍ୟାପୀ ପ୍ରଂଶସା ସାଉଁଟି ପାରିଛି । କଳିଙ୍ଗ ସାହିତ୍ୟ ଉତ୍ସବର ସଂସ୍ଥାପକ ତଥା ନିର୍ଦ୍ଦେଶକ ଶ୍ରୀ ରଶ୍ମି ରନ ପରିଡ଼ା ଏହି ସୂଚନା ଦେଇଛନ୍ତି । ଭାରତୀୟ ସାହିତ୍ୟ କ୍ଷେତ୍ରର ପ୍ରମୁଖ ବ୍ୟକ୍ତି ବିଶେଷ ଯେପରିକି ଶ୍ରୀ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଜୟନ୍ତ ମହାପାତ୍ର, ପ୍ରତିଭା ରାୟ, ପ୍ରତିଭା ଶତପଥୀ, ସୌଭାଗ୍ୟ ମିଶ୍ର, ହୃଶିକେଶ ମଲ୍ଲିକ, ଗୌରହରି ଦାସ, ସମୀର ଅନ୍‌ଜାନ, ପ୍ରସୂନ ଯୋଶୀ, ଅରୁନ୍ଧତୀ ସୁବ୍ରମଣ୍ୟମ, ସାଗର ସରହଦୀ, ଜୟନ୍ତ କ୍ରିପାଲନୀ, ଫଣି ମହାନ୍ତି, ପାରମିତା ଶତପଥୀ, କେକି ଦାରୁୱାଲା, ସବ୍ୟସାଚୀ ମହାପାତ୍ର, ନୀଳ ମାଧବ ପଣ୍ଡା, ସୁଦର୍ଶନ ପଟ୍ଟନାୟକ, କେଦାର ମିଶ୍ର, ଅମରେଶ ପଟ୍ଟନାୟକ, ହରିହର ମିଶ୍ର, ଆଶୁତୋଷ ପରିଡ଼ା, ଦୁର୍ଗା ପଣ୍ଡା, ସୂର୍ଯ୍ୟ ମିଶ୍ର, ଗାୟତ୍ରୀବାଳା ପଣ୍ଡା, ସାଇରା ସାହା ହଲିମ, ରୁଚିତା କାଜାରିଆ, କୁକି ଟୁଆସନ, ମାର୍ତି ଟେନ୍‌ଗକୋ, ଜିଙ୍ଗ ରିଆନା-ଜର୍ଜ, ସେସିଲିଆ ଜି. ଆର୍ଟେସ୍, ଶ୍ରିମତୀ ନରିକୋ ମିଜୁସାକି, ପ୍ରନେଶ ପ୍ରସାଦ, ଜାକବ ଆଇଜାକ୍, ଆର୍ କେ ଦାଶ ଏବଂ ଅନ୍ୟାନ୍ୟ ବିଶିଷ୍ଟ ସାହିତ୍ୟିକ ଏହି ଅବସରରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଅଲୌକିକ କଳିଙ୍ଗ, କଳିଙ୍ଗ ସାହିତ୍ୟ ଉତ୍ସବର ଏକ ସମ୍ପ୍ରସାରିତ ଅଂଶ ଭାବେ କବି ଏବଂ କଳାକାରଙ୍କୁ ଏକ ବିସ୍ତୃତ ମଂଚ ପ୍ରଦାନ କରିଛି, ଯେଉଁଠାରେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ସହିତ କଳା, ସଂସ୍କୃତି, ରଚନାତ୍ମକ ସମ୍ବାଦ ଦିଗରେ ଯୁବବର୍ଗଙ୍କ ଭାଗିଦାରୀ ରହିଆସିଛି । କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲ୍ଏଫ୍)-ଅଲୌକିକ କଳିଙ୍ଗର କେନ୍ଦ୍ରୀୟ ପ୍ରସଙ୍ଗ ହେଉଛି ସାହିତ୍ୟ ଓ ଅସୀମତା । ଓଡ଼ିଆରେ ଏହାର ଅର୍ଥ ସୀମାହୀନ, ଅସୀମ, ସାର୍ବଭୌମିକ ଏବଂ ଅସୀମତାକୁ ସୂଚିତ କରିଥାଏ ବୋଲି ଏହାର ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ଶ୍ରୀ ରଶ୍ମି ରନ ପରିଡ଼ା କହିଛନ୍ତି । ବର୍ତ୍ତମାନ ସମୟରେ ସୀମା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । କିଛି ବ୍ୟକ୍ତିଙ୍କ ପାଇଁ ଏହା ଆବଶ୍ୟକତା ହୋଇଯାଇଥିବା ବେଳେ କିଛି ଲୋକ ଏହାକୁ ଅଦରକାରୀ କହୁଥିବା ଦେଖିବାକୁ ମିଳେ । ସାହିତ୍ୟ, ବିଶେଷ ଭାବେ କବିତା, ଏକ ଶୈଳୀ ଭାବେ ଆତ୍ମୋପରିତ ଏବଂ ସାମାଜିକ ସୀମା ଭିତରେ ରହି ଆସିଛି । କିନ୍ତୁ ବିନା କୌଣସି ସଂଘର୍ଷରେ ଏହା ପାଇବା କଷ୍ଟସାଧ । ଯଦିବା ଏହି ସଂଘର୍ଷ କେବଳ ସାମାଜିକ ଏବଂ କେବଳ ମନୁଷ୍ୟ ହିଁ ଏହାକୁ ପାରିକରିଥାଏ । ସାମାଜିକ ହୋଇଥିବା ହେତୁ ମାନବ ସଂଘର୍ଷ ଜାରି ରଖିଛି । ସୀମାଗୁଡ଼ିକର ସୁରକ୍ଷା, ସୁରକ୍ଷା ଏବଂ ଆରାମ ନାମରେ ନିର୍ମାଣ କରାଯାଉଥିବା ନିର୍ମାଣ, ପୁର୍ନଃନିର୍ମାଣ କ୍ଷେତ୍ରରେ ଏହା ଜରୁରୀ ହୋଇପଡ଼ିଛି ଯେ ଏହା ଆମକୁ ମାନବ ଭାବେ ପ୍ରତୀୟମାନ କରାଉଛି ।

OFFICE OF THE NOTIFIED AREA COUNCIL: DHAMNAGAR

PIN:756117 (ODISHA) Tel.No-06786-236056
E.Mail: dhamnagar.nac@gmail.com

Order No- 183 **Dt. 08.11.17**

"e" Procurement Notice

BID Identification NO- DNR-1/2017-18

Bid document Consisting of work, Estimated Cost, Cost of Tender Paper, EMD. time completion, Class of Contractor and set of terms and conditions of contract and other necessary documents can be seen in govt. govt. website i.e https://tendersodisha.gov.in

1. Name of the Work:	Construction of Aahar Kendra Building.
2. No. of work	01 nos.
3. Estt. Cost.	15,00,000/-
4. Period of Completion	60 days
5. Date & Time of Bidding	10.11.2017 to 20.11.2017 (up to 5.PM)
6. Last date & time for receipt of bids in the portal	dt. 20.11.2017 (up to 5.00 PM)
7. Submission of Original document	dt. 21.11.2017 up to 5.00 PM)
8. Bid received online shall be opened on	dt. 22.11.2017 at 11.00 A.M onwards.
9. Name & Address of the Officer inviting Bid.	Executive Officer Dhamnagar.

Sd/-(Dr. Narahari Behera)
Executive Officer
Dhamnagar, NAC
Bhadrak

GOVERNMENT OF ODISHA

OFFICE OF THE SUPERINTENDING ENGINEER-CUM-ELECTRICIAL INSPECTOR, BHADRAK

25-AA

SEALED QUOTATION CALL NOTICE

No. 1370 /Dated 20.10.2017

Sealed quotations are invited from intending house owners to let their building for the accommodation of the office of The Superintending Engineer-Cum-Electrical Inspector, Bhadrak, Executive Engineer-Cum-Deputy Electrical Inspector, Bhadrak and A.E.E-Cum-Asst. Electrical Inspector so as to reach this office within 30days from the date of Publication.

The specification and conditions are given below.

1. Carpet area of 3000 sqft excluding veranda.
2. Total no of rooms 8 to 9.
3. The building should be located within Municipality area.
4. Minimum 400 sqft free space for parking of vehicle.
5. It must be road side of prime location.
6. The rent of the building shall be paid either quarterly or availability of fund.
7. The rent of the building shall be fixed up to minimum 3 to 4 years.
8. The Expenditure towards temporary partition of the building if required in future will be borne by the quotationer.

The quotations shall be received during working hour up to 3. PM and shall be opened on the same day at about 4 PM in office chamber of the undersigned in presence of the available quotationer or their authorized representatives.

Each quotation should be accompanied with the approved building plan with saction and elevation. The rent shall be as per R&B fairent calculated by R & B office as per Govt. rules and procedure.

The quotations should be submitted in closed envelop superscribing on top "quotation for hiring of private building." The undersigned reserves the right to reject any or all quotations without assigning any reason thereof.

Sd/
Superintending Engineer-Cum Electrical Inspector, Bhadrak.

I&PR- 04032/11/0001/1718

ବାମପନ୍ଥୀମାନଙ୍କ ପକ୍ଷରୁ ଭଦ୍ରକରେ ବିକ୍ଷୋଭ ଓ ପ୍ରତିବାଦ ସଭା

ଭଦ୍ରକ,୮।୧୧ (ସକାଳ ଖବର): କେନ୍ଦ୍ରରେ ମୋଦି ସରକାରଙ୍କ ଜନ ବିରୋଧୀ ବିମୁଦ୍ରୀକରଣର ଏକ ବର୍ଷର ପୂର୍ତ୍ତିକୁ ବାମପନ୍ଥୀମାନେ ଭଦ୍ରକରେ କଳା ଦିବସ ରୂପେ ପାଳନ କରିଛନ୍ତି । ବିମୁଦ୍ରୀକରଣ ଫଳରେ ଦେଶର ୪୬ ହଜାର କ୍ଷୁଦ୍ର ଶିଳ୍ପ ବନ୍ଦ ହୋଇଥିବା ବେଳେ ୨୬ ଲକ୍ଷ ଶ୍ରମିକ ଛଟେଇ ହୋଇଛନ୍ତି । ଦେଶର କୃଷି ଉତ୍ପାଦନ ୩.୬ ପ୍ରତିଶତ କମିଛି । ଦେଶର ପୁଞ୍ଜିପତିମାନେ ୧୧ଲକ୍ଷ କୋଟି ଟଙ୍କା ଋଣ ଶୁଝି ନ ଥିବାରୁ ଜାତୀୟ କରଣ ବ୍ୟାଙ୍କ ଗୁଡିକ ବନ୍ଦ ହେବା ସମୟରେ ମୋଦି ସରକାର ବିମୁଦ୍ରୀକରଣ କରିଥିଲେ । ଦେଶର ଅର୍ଥନୀତି ଭୁଷୁଡି ପଡିଥିବା ବେଳେ ଜିଏସ୍‌ଟି ଲାଗୁ କରି ମୋଦି ସରକାର ସାଧାରଣ ଲୋକଙ୍କ ଉପରେ ଅର୍ଥନୈତିକ ଆକ୍ରମଣ କରିଛନ୍ତି ବୋଲି ସଭାରେ ବକ୍ତାମାନେ ଅଭିଯୋଗ କରିଥିଲେ । ବିମୁଦ୍ରୀକରଣ ଫଳରେ ୧୬୮ ଜଣ ସାଧାରଣ ଜନତା ଧାଡିରେ ଠିଆ ହୋଇ ମରିଥିବା ବେଳେ ଦେଶରେ ଗୋରକ୍ଷକ ବାହିନୀ ଦଳିତ ଓ ସଂଖ୍ୟାଲଘୁ ମାନଙ୍କୁ ଅତି ନିର୍ମମ ଭାବେ ହତ୍ୟା କରୁଛନ୍ତି । ଦେଶର ଏକତା, ଭାଇଚାରା, ଅଖଣ୍ଡତା, ସାର୍ବଭୌମତ୍ୱ, ସମ୍ବିଧାନ, ଜାତୀୟତା ଆଦିକୁ ମୋଦି ସରକାର ଧ୍ୱଂସ କରିବାକୁ ଯାଉଛନ୍ତି । ଏହାର ପ୍ରତିବାଦ କରି ବନ୍ତ ଛକ ଠାରୁ ବାମପନ୍ଥୀମାନଙ୍କର ଶୋଭାଯାତ୍ରା ବାହାରି ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ ସଭା କରିଥିଲେ । ବରିଷ୍ଠ ସି.ପି.ଏମ୍. ନେତା ଚନ୍ଦ୍ରଶେଖର ନାୟକ, ସି.ପି.ଆଇ. ଜିଲ୍ଲା ସଂଯୋଜକ ଶୁଭେନ୍ଦୁ ମହାନ୍ତି, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ବି.ପି.ଏମ୍.,ଲ୍. ନେତା ସମର ବଳ, ଏସ୍.ୟୁ.ସି.ଆଇ. ନେତା ରାମଚନ୍ଦ୍ର ଶଙ୍ଖୁଆ, ଯୁବନେତା ବିକାଶ ନାଥ, ଆଇନଜୀବୀ ରାଧା ଦାସ, ପ୍ରଫୁଲ୍ଲ ପାଢୀ, ସଂଗ୍ରାମ ବଳ, ନାରାୟଣ ଦାଶ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଆରଏସପିରେ ବନୀକରଣ ଦ୍ୱାରା କାର୍ବନ ସିକ୍ୱେଷ୍ଟ୍ରେସନ କର୍ମଶାଳା ଆୟୋଜିତ

ରାଉରକେଲା, ୮।୧୧ (ସକାଳ ଖବର): ଇସ୍ପାତ କାରଖାନାରେ ବନୀକରଣ ଦ୍ୱାରା କାର୍ବନ ସିକ୍ୱେଷ୍ଟ୍ରେସନ ସନ୍ଦର୍ଭରେ ଏକ କର୍ମଶାଳା ସିପିଟିଆଇ ଠାରେ ନଭେମ୍ବର ୮ ତାରିଖରେ ଆରମ୍ଭ ହୋଇଛିଛ ଏହାର ଉଦଘାଟନୀ ସମାରୋହରେ ଆରଏସପି କାର୍ମିକ ଓ ପ୍ରଶାସନ ବିଭାଗର ଇଡ଼ି, ଶ୍ରୀ ପି କେ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବାବେଳେ ରାଉରକେଲା ଡିଏଫଓ, ଶ୍ରୀ ଏସ କେ ସ୍ୱାଇଁ, ଆଇ.ଏଫ.ଏସ., ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ସେଲ ଆରିସିଆଇଏସର ଜିଏମ, ଶ୍ରୀ ଅତୁଲ ସକ୍ସେନା, ଆରଏସପି ସହରସେବା ବିଭାଗର ଜିଏମ, ଶ୍ରୀ ଏନ କେ ସାମନ୍ତରାୟ ଏବଂ ଟ୍ରପିକାଲ ଫରେଷ୍ଟ ରିସର୍ଚ ଇନଷ୍ଟିଚ୍ୟୁଟ (ଟିଏଫଆରଆଇ)ର ବରିଷ୍ଠ ବୈଜ୍ଞାନିକ, ଡକ୍ଟର ଅବିନାଶ ଜୈନ ମଞ୍ଚାସୀନ ଥିଲେ । ଏଥିରେ ସେଲର ବିଭିନ୍ନ ୟୁନିଟର ୨୨ ଜଣ ଅଂଶଗ୍ରହଣକାରୀ ଭାଗ ନେଇଥିଲେ । ନିଜର ବକ୍ତବ୍ୟରେ ଶ୍ରୀ ପ୍ରଧାନ ଆରଏସପି ଦ୍ୱାରା ସବୁଜିମାର ବୃଦ୍ଧି ପାଇଁ ପ୍ରାୟ ୪୫.୬୦ ଲକ୍ଷ ବୃକ୍ଷରୋପଣ ପୂର୍ବକ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଗୁଡିକ ସମ୍ପର୍କରେ ଉଲ୍ଲେଖ କରିଥିଲେଛ ରାଉରକେଲାରେ କାର୍ଯ୍ୟାନ୍ୱିତ କାର୍ବନ ସିକ୍ୱେଷ୍ଟ୍ରେସନ ପାଇଲଟ ପ୍ରକଳ୍ପର ସଫଳତା ସମ୍ପର୍କରେ ମଧ୍ୟ ବିସ୍ତାରରେ ତଥ୍ୟ ରଖିଥିଲେ । ନିଜର ଅଭିଭାଷଣରେ ଶ୍ରୀ ସ୍ୱାଇଁ ସ୍ୱଚ୍ଛ ଓ ସବୁଜ ବାତାବରଣ ସୁନିଶ୍ଚିତ କରିଥିବା ଯୋଗୁଁ ଆରଏସପିର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଦୁଇ ଦିନିଆ କର୍ମଶାଳା ବନୀକରଣ ଓ କାର୍ବନ ସିକ୍ୱେଷ୍ଟ୍ରେସନ ଦ୍ୱାରା ତଥା ଖାଲିଜାଗାରେ ଉଚ୍ଚଗୁଣମାନ ବୃକ୍ଷରୋପଣ ଆଦି ବିଷୟରେ ଆଲୋଚନା ଅନୁଷ୍ଠିତ ହେବ । କର୍ମଶାଳାରେ ଭେଜିଟେସନ ସର୍ଭେ, ବୃକ୍ଷ ଅଭିବୃଦ୍ଧିର ପରୀକ୍ଷନିରୀକ୍ଷା, ମୃତ୍ତିକା ପରୀକ୍ଷା ଏବଂ ଭୂପରିସଙ୍ଖ୍ୟାନ ଆକଳନ ଆଦି ବିଷୟରେ ଫିଲ୍ଡ ସର୍ଭେ ମଧ୍ୟ ଅନୁଷ୍ଠିତ ହେଉଛିଛଏହି ସମସ୍ତ ଅଧିବେଶନ ଟିଏଫଆରଆଇର ବୈଜ୍ଞାନିକମାନଙ୍କ ଦ୍ୱାରା ସମ୍ପନ୍ନ ହେଉଛି । ପ୍ରାରମ୍ଭରେ ଆରିସିଆଇଏସର ଜିଏମ, ଶ୍ରୀ ପାର୍ଥ ମୁଖାର୍ଜୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସନ୍ଦର୍ଭରେ ଏକ ସଂକ୍ଷିପ୍ତ ବିବରଣୀ ରଖିଥିଲେ । ଆରଏସପି ଉଦ୍ୟାନକୃଷି ବିଭାଗର ମ୍ୟାନେଜର, ଶ୍ରୀ ପି ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ବିଭାଗର ମ୍ୟାନେଜର, ଶ୍ରୀ ଟି ବି ଟପ୍ପୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟର ସମିକ୍ଷା କଲେ ବିଧାୟକ

ଧାମନଗର , ୮।୧୧ (ସକାଳ ଖବର): ଧାମନଗର ନୂତନ ଏନ.ଏ.ସି. କାର୍ଯ୍ୟକ୍ଷମ ହେବା ପରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଆରମ୍ଭ ହୋଇଥିବାବେଳେ ଆଜି ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏନ.ଏ.ସି. କାର୍ଯ୍ୟାଳୟ ଠାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମିକ୍ଷା କରିଥିଲେ। ଧାମନଗର ଠାରେ ଆହାର କେନ୍ଦ୍ର, ପାନୀୟ ଜଳ ଯୋଗାଣ, ଉଜ୍ଜଳ ଲାଇଟ, କମ୍ୟୁନିଟି ସେଣ୍ଟର , ମନ୍ଦିର, ମସ୍‌ଜିଦ, କଂକ୍ରିଟ ରାସ୍ତା, ସହରାଞ୍ଚଳର ଗୃହ, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଯୋଗାଇ ଦେବା ବିଭିନ୍ନ କାର୍ଯ୍ୟକୁ ଦୃତ ଗତିରେ ଆଗେଇ ନବାପାଇଁ ବିଧାୟକ ଶ୍ରୀ ମଣ୍ଡଳ କାର୍ଯ୍ୟ ନିର୍ବାହି ଅଧିକାରଙ୍କୁ ପରାମର୍ଶ ଦେଇଥିଲେ। ଏହି ସମିକ୍ଷା ବୈଠକରେ ଏନ.ଏ.ସି. କାର୍ଯ୍ୟ ନିର୍ବାହି ଅଧିକାରୀ ଡଃ ନରହରି ବେହେରା, କୋଶାଧ୍ୟକ୍ଷ ଅଜୟ କୁମାର ନାୟକ, ଏମ.ଆଇ.ଏଫ. ରାଜେନ୍ଦ୍ର ବେହେରା, ସି,ଏମ.ଏମ.ୟୁ. ମ୍ୟାନଜର ଜନ୍ମଜୟ ପଣ୍ଡା, ସି.ଓ. ଛନ୍ଦାମତି ବେହେରା, ଏକାଉଣ୍ଟର ହରିସ୍ ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଡି.ପି.ସି. ର ବ୍ଲକ କନିଷ୍ଠ ଯନ୍ତ୍ରୀ ଶ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ମାନହାନୀ ମକଦ୍ଦମାରେ ପୁଣି ଥରେ କେଜରିୱାଲଙ୍କୁ ନୋଟିସ

ନୂଆଦିଲ୍ଲୀ,୮।୧୧ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଆମ ଆଦମୀ ପାର୍ଟିର ନେତା ସଂଜୟ ସିଂଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ମାନହାନୀ ମକଦ୍ଦମାକୁ ସିଭିଲ କୋର୍ଟ ଖାରଜ କରିବା ପରେ ଏବେ ବିଜେପି ନେତା ଅଙ୍କିତ ଭାରଦ୍ୱାଜ ତିସ୍ ହଜାରୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଙ୍କିତଙ୍କ ଆବେଦନ ପରେ କୋର୍ଟ କେଜରିୱାଲ ଓ ସଂଜୟ ସିଂଙ୍କୁ ନୋଟିସ ଜାରି କରିଛନ୍ତି। ପୂର୍ବରୁ ତିସ ହଜାରୀ କୋର୍ଟ ଏହି ଆବେଦନକୁ ନିଜର ଅଧିକାର କ୍ଷେତ୍ରରୁ ବାହାରେ ଥିବା ଦର୍ଶାଇ ଖାରଜ କରିଦେଇଥିଲେ। ପୂର୍ବତନ ମନ୍ତ୍ରୀ କପିଳ ମିଶ୍ରଙ୍କ ଉପରକୁ ହୋଇଥିବା ଆକ୍ରମଣ ପଛରେ ତାଙ୍କ ହାତ ଥିବା ଗଣମାଧ୍ୟମରେ ପ୍ରକାଶ କରି ବଦନାମ କରାଯାଇଥିବା ଅଭିଯୋଗ ଆଣିଥିଲେ ଅଙ୍କିତ ଭାରଦ୍ୱାଜ।

ଜାତୀୟ କଂଗ୍ରେସର କଳା ଦିବସ ପାଳନ

ଭଦ୍ରକ,୮।୧୧ (ସକାଳ ଖବର): କେନ୍ଦ୍ରରେ ଏନଡ଼ିଏ ସରକାରର ନେତୃତ୍ୱ ନେଇଥିବା ନରେନ୍ଦ୍ର ମୋଦି ନିଜ ରାଜନୈତିକ ସ୍ୱାର୍ଥସାଧନ ନିମନ୍ତେ ଶିଳ୍ପପତି ଓ ଧନୀକ ଶ୍ରେଣୀର ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ଗତ ବର୍ଷ ଏହି ଦିନରେ ବିମୁଦ୍ରୀକରଣ(ନୋଟବନ୍ଦୀ) ପଦକ୍ଷେପ ନେଇଥିଲେ। ଯାହା ଦ୍ୱାରା ଦେଶର ଅର୍ଥନିତୀ ରାସାତଳଗାମୀ ହୋଇଛି। ଏହାର କୁପ୍ରଭାବରେ ସାଧାରଣ ଜନତା ଅତିଷ୍ଠ ହୋଇଛନ୍ତି। ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ହ୍ରାସ ପାଇଛି। ନିଯୁକ୍ତି ସଂକୁଚିତ ହୋଇଛି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଛି। ଦୈନିକ ମଜୁରୀ ଉପରେ ନିର୍ଭର କରୁଥିବା ଗରୀବ ଜନତା ରୋଜଗାର ହରାଇଛନ୍ତି। ଏହି ଅପରିଣାମଦର୍ଶୀ ନିଷ୍ପତ୍ତି ବିରୁଦ୍ଧରେ ଜାତୀୟ କଂଗ୍ରେସ ହାଇ କମାଣ୍ଡଙ୍କ ଆହ୍ୱାନରେ ନଭେମ୍ବର ୮ତାରିଖ ଦିନକୁ କଳାଦିବସ ଭାବରେ ପାଳନ କରିଛି କଂଗ୍ରେସ। ଏହି ମର୍ମରେ ଭଦ୍ରକରେ କଂଗ୍ରେସ ଭଦ୍ରକ ଜିଲ୍ଲା ସଭାପତି ନରେନ ପଲେଇଙ୍କ ସଭାପତିତ୍ୱରେ ପୁରୁଣା କଲେକ୍ଟରିଏଟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପ୍ରାକ୍ତନ ମନ୍ତ୍ରୀ ଜଗନ୍ନାଥ ରାଉତ୍, ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଜେନା, ରାଜ୍ୟ ପର୍ଯ୍ୟବେକ୍ଷକ ଶ୍ରୀନାଥ ମିଶ୍ର, ନିର୍ବାଚନମଣ୍ଡଳୀସ୍ତରୀୟ ନେତା ସୁବ୍ରତ ଦାସ, ମାଧବବାନନ୍ଦ ମଲ୍ଲିକ, ହୃଦାନନ୍ଦ ସେଠୀ, ପ୍ରାକ୍ତନ ସାଂସଦ ମୁରଲୀ ଜେନା, ବାସୁଦେବପୁର ପୌରାଧ୍ୟକ୍ଷ ଅଶୋକ ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ନାରାୟଣ ପାଢ଼ୀ, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଶ ରାଉତ, ଦେବରୂପ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ନଗର ସଭାପତି ଅବଦୁଲ ମୁକିଦ ଖାଁ, ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ସରୋଜ ଦାସ, ବାବୁଲି ଚନ୍ଦ, ପ୍ରଫୁଲ୍ଲ ସାମଲ, ନାରୀନେତ୍ରୀ ସବିତା ଚାନ୍ଦ, ରାଜଲକ୍ଷ୍ମୀ ମହାପାତ୍ର, ମମତା ନାୟକ, ହାସିନା ଖାତୁନ, ଜାନକୀ ଦାସ, କାଉନ୍‌ସିଲର ଅଶୋକ ମହାପାତ୍ର, ସେକ ସମଦାନୀ, ବରିଷ୍ଠ ନେତା ନରନାରାୟଣ ଜେନା, ନୁର ମହମ୍ମଦ ଇସମାଇଲ, ରବି ଘୋଷ, ଯୁବନେତା ନର୍କିନି ମହାନ୍ତି, ଜ୍ୟୋତିପ୍ରକାଶ ମହାନ୍ତି, ସତ୍ୟାନନ୍ଦ ରାଉତ, ସୁରଜିତ ପାଲ, ଧବଳେଶ୍ୱର ପଣ୍ଡା, କାମେଶ ପରିଡ଼ା, ଆସ୍ମା ରାଓ, ପ୍ରଦ୍ୟୁମ୍ନ ଦାସ, ବାବୁ ବାରିକ, ଅନନ୍ତ ଗୋପାଳ ଦାସ, ଛାତ୍ର କଂଗ୍ରେସର ସଭାପତି ଅଭିଜିତ ଜେନା, ସିତେଶ ନାୟକ, କୁଟିଆ ନାୟକ, ବଳାରାମ ରାଉତ, ମନୋଜ ପଣ୍ଡା, ବବି ମହାନ୍ତି, ଅନନ୍ତ ପଣ୍ଡା, ବିଦ୍ୟାଧର ଜେନା, ହେମନ୍ତ ପୁହାଣ, ନିରଂଜନ ମଲ୍ଲିକ, ଗଣେଶ ଭାରତୀ, ହେମନ୍ତ ମହାପାତ୍ର, ଜିତୁ ଦାସ, ଦେବୁ ପ୍ରଧାନ, ମୁନା ପରିଡ଼ା, ଭିକି ଦାସ, ସୁଦର୍ଶନ ଜେନା, ବାବୁଲି ଘୋଷ, ଫୁକୁ ଚୌଧୁରୀ, ପାପୁନି ମଲ୍ଲିକ, ଟୁଟୁ ମହାପାତ୍ର, ଟୁକୁ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ଅତିଶ ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ମୋଦି ଦେଶବାସୀଙ୍କ ସହ ବିଶ୍ୱାସଘାତକତା କରିଥିବାରୁ ଭାରତବାସୀ ତାଙ୍କୁ ଅଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି କହିଥିଲେ। ସଭା ଶେଷରେ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକାକୁ ଦାହ କରିଥିଲେ କଂଗ୍ରେସ କର୍ମୀ।

ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି

ଭୁବନେଶ୍ୱର ୮।୧୧ (ସକାଳଖବର) ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଭାବେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ବିଧାୟକ ଦେବରାଜ ମହାନ୍ତିଙ୍କ ସ୍ଥାନରେ ନିଯୁକ୍ତି ଦେଇଛନ୍ତି । ସେହିପରି ଶ୍ରୀ ମନୋଜ କୁମାର ପଣ୍ଡା, ପୂର୍ବତନ ବ୍ଲକ ସଭାପତି, ବିଜୁ ଜନତା ଦଳ, ଗାଇସିଲେଟ୍ ବ୍ଲକ, ବରଗଡ ଜିଲ୍ଲା) ଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି ବୋଲି ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick
ସଂପାଦକ : ଅମିତ୍ କୁମାର ମଲ୍ଲିକ୍